# ଝଣ୍ଡା ଉଞ୍ଚା ରହେ ହମାରା...



**ସାକ୍ଷୀଗୋପାଳ,୨୭।୧(ସମିସ):** ସତ୍ୟବାଦୀର ବିଭିନ୍ନ ଅନୁଷ୍ଠାନରେ ୭୭ତମ ସାଧାରଣତନ୍ତ୍ର ଦିବସ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟର ହଜାର ହଜାର ଛାତ୍ରଛାତ୍ରୀଙ୍କ ପରେଡ୍ ସୋ' ଓ ବୀରବାଦ୍ୟର ତାଳେ ତାଳେ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାସୁକେରା, ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ସାକ୍ଷୀଗୋପାଳ, ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ଗୁରୁକୂଳ ଶିକ୍ଷାନୁଷ୍ଠାନ, ଅରବିନ୍ଦ ପୂର୍ଣ୍ଣାଙ୍ଗ ସ୍କୁଲ, ଜାଭିୟର୍ସ ସ୍କୁଲ ପ୍ରମୁଖ ସହ ଅନ୍ୟ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ବୋଷ, ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାଶ, ରାଣୀ ଲକ୍ଷ୍ମୀବାଈଙ୍କ ସହ ଭାରତ ବର୍ଷର ଅନେକ ମହାପୁରୁଷ ଓ ବନ୍ଦନୀୟା ନାରୀଙ୍କ ବେଶରେ ସଜ୍ଜିତ ହୋଇ ସାକ୍ଷୀଗୋପାଳ ବଜାର ସମେତ ଅନ୍ୟ ଅଞ୍ଚଳଗୁଡ଼ିକରେ ବିରାଟ ପଦଯାତ୍ରା କରି ଦେଶ ମାତୃକାର ପଦ ବନ୍ଦନା କରିଥିଲେ। ସତ୍ୟବାଦୀ ତହସିଲ୍ କାର୍ଯ୍ୟାଳୟ ଓ ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ପକ୍ଷରୁ ଆୟୋଜିତ ଉତ୍ସବରେ ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲ୍‌ଦାର ଓମ୍ ପ୍ରକାଶ ପରିଡ଼ା, ସହକାରୀ ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତେନ୍ଦୁ ମହାନ୍ତିଙ୍କ ସମେତ କର୍ମଚାରୀମାନେ ଯୋଗଦେଇଥିଲେ। ସେହିପରି ସତ୍ୟବାଦୀ ଥାନା ଓ ଫାଣ୍ଡିରେ ଆୟୋଜିତ କାର୍ଯ୍ୟକ୍ରମରେ ଥାନା ଅଧିକାରୀଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ଯୋଗଦେଇଥିଲେ। ବ୍ଲକ୍ କାର୍ଯ୍ୟାଳୟରେ ଆୟୋଜିତ ଉତ୍ସବରେ ବ୍ଲକ୍ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଓ ବିଡିଓ ଦେବାଶିଷ ନାୟକଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗଦେଇ ବରପୁତ୍ରଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**କୃଷ୍ଣପ୍ରସାଦ:** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍‌ର ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବୁଦ୍ଧିବର ଉନ୍ନିତ ପ୍ରାଥମିକ ବିଦ୍ୟାଳୟରେ ସରପଞ୍ଚ ସଞ୍ଜୁକ୍ତା ବିଶ୍ୱାଳ ପତାକା ଉତ୍ତୋଳନ କରିଥିଲେ।



ପ୍ରଧାନଶିକ୍ଷକ ବିଜୟ ଜେନା, ସହକାରୀ ଶିକ୍ଷକ ବୁଦ୍ଧଦେବ ତରେଇ, ଶୁଶାନ୍ତ ପ୍ରଧାନ, ପ୍ରିୟଦର୍ଶିନୀ ଜେନା, ସ୍କୁଲ ସଭାପତି ରମେଶ ଚନ୍ଦ୍ର ତରେଇ ସହଯୋଗ କରିଥିଲେ। ବୁଦ୍ଧିବର ଡିଆକୁଦା ଉଚ୍ଚ ବିଦ୍ୟାଳୟରେ ସ୍କୁଲ ସଭାପତି ଅଭିମନ୍ୟୁ ତରେଇ ପତାକା ଉତ୍ତୋଳନ କରିଥିଲାବେଳେ ପ୍ରଧାନଶିକ୍ଷକ ବିଦ୍ୟାଧର ସ୍ୱାଇଁ, କ୍ରୀଡ଼ା ଶିକ୍ଷକ ପଞ୍ଚାନନ ଜେନା, ଦୈତାରୀ ବିଶ୍ୱାଳଙ୍କ ସମେତ ପରିଚାଳନା କମିଟି ସହଯୋଗ କରିଥିଲେ। ବୁଦ୍ଧିବର ପଞ୍ଚାୟତ ପରିସରରେ ସରପଞ୍ଚ ସଞ୍ଜୁକ୍ତା ବିଶ୍ୱାଳ ପତାକା ଉତ୍ତୋଳନ କରିଥିଲାବେଳେ ସରପଞ୍ଚଙ୍କ ପ୍ରତିନିଧି ବୁଦ୍ଧଦେବ ବିଶ୍ୱାଳ ସମସ୍ତ ଏସ୍ଏଚ୍‌ଜି ସଦସ୍ୟ, ୱାର୍ଡ ସଭ୍ୟ/ସଭ୍ୟା ସହଯୋଗ କରିଥିଲେ। ସିଆଣ୍ଡି ପଞ୍ଚାୟତରେ ସରପଞ୍ଚ ଆଦିତ୍ୟ ରଞ୍ଜନ ପଲେଇ ପତାକା ଉତ୍ତୋଳନ କରିଥିଲାବେଳେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସମାଜସେବୀ ବାବୁଲା ନାୟକ, ସମିତିସଭ୍ୟ ଲଳିତ ତରେଇ, ରାମଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏଡିଓ ରଘୁନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**କଣାସେ:** କଣାସ ବ୍ଲକ୍‌ର ପୁରପଲ୍ଲୀରେ ସାଧାରଣ ତନ୍ତ୍ର ଦିବସ ପାଳିତ ହୋଇଯାଇଛି। କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିବାବେଳେ କଣାସ ଅଦାଲତରେ ବିଚାରପତି ଶ୍ରୀୟା ରତ୍ନପୂର୍ଣ୍ଣା ସାହୁ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। କଣାସ ତହସିଲ୍‌ରେ ତହସିଲ୍‌ଦାର ହିମାଂଶୁ ଶେଖର ଗିରି, ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଅତିରିକ୍ତ ତହସିଲ୍‌ଦାର ଉପେନ୍ଦ୍ର କୁମାର ସେଠୀ, କଣାସ ଥାନାରେ ଥାନା ଅଧିକାରୀ ପ୍ରଶନ୍ନ ନାୟକ, ଗଡ଼ିଶାଗୋଦା ଥାନାରେ ଅଧିକାରୀ ସୁଧୀର କୁମାର ଦାସ, ମୁଖ୍ୟ ପଶୁ ଚିକିତ୍ସାଳୟରେ ମୁଖ୍ୟ ଚିକିତ୍ସକ ଡା. ଅନୁଗତ ଜେନା, କଣାସ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭାରପ୍ରାପ୍ତ ଅଧିକାରୀ ଡା. ବିବେକ ଅନୁରାଗ, ମହନ୍ତ ବନମାଳୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପରିକ୍ଷିତ ବଡ଼ଜେନା, କଣାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ସନ୍ତୋଷ ଚୌଧୁରୀ, ନୀଳାଚଳ



ସେବା ପ୍ରତିଷ୍ଠାନରେ ଅଧ୍ୟକ୍ଷ କସ୍ତୁରୀ ଚରଣ ଚମ୍ପତି, ଆଞ୍ଚଳିକ କୁଞ୍ଜେଶ୍ୱରୀ ସାଂସ୍କୃତିକ ସଂସଦରେ ସମାଜସେବୀ ସୁବର୍ଣ୍ଣ କେଶରୀ ବଳିୟାରସିଂହ, ଜନମଙ୍ଗଳ କ୍ଲବ୍‌ରେ ସୁକାନ୍ତ କିଶୋର ସାମନ୍ତରାୟ, କଣାସ ଗ୍ରାମ ପଞ୍ଚାୟତରେ ସରପଞ୍ଚ ଭଗବାନ ସୁବୁଦ୍ଧି, ଗ୍ରାମୀଣ କୃଷି ବିକାଶ କେନ୍ଦ୍ର ବେଣାଗାଁରେ ମୃତ୍ୟୁଞ୍ଜୟ ବଡ଼ଜେନା, ଗ୍ରାମ୍ୟ ଉନ୍ନୟନରେ ସହକାରୀ ଯନ୍ତ୍ରୀ କାର୍ତ୍ତିକ ପ୍ରଧାନ, ଜଳସେଚନ କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରୀ ମକର ବେହେରା, ସାହସପୁର ଉମାଶଙ୍କର ଯୁବ ପରିଷଦରେ ଧନେଶ୍ୱର ସାମନ୍ତରାୟ, ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟରେ ରଘୁନାଥ ବେହେରା ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ।

**ଚାରିଛକ:** ଚାରିଛକ ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ୭୭ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଚାରିଛକ ପ୍ରେସ୍ କ୍ଲବ୍‌ଠାରେ ସଭାପତି ପ୍ରଫୁଲ୍ଲ କୁମାର କର ଜାତୀୟ ପତାକା ଉତ୍ତୋଳନା କରିଥିବାବେଳେ ଅତିଥିଭାବେ ଜଗତସିଂହପୁର ସାଂସଦଙ୍କ ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ, ଏସ୍ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି, ଏଏସ୍ଆଇ ସବିତା କୁମାରୀ ଦେବୀ, କ୍ଲବ୍‌ର ଉପଦେଷ୍ଟା ଗୋପୀନାଥ କର, ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳେଇ, କାର୍ଯ୍ୟକାରୀ ସଭାପତି ଶିଶିର କୁମାର ସ୍ୱାଇଁ, ଉପସଭାପତି ସନ୍ତୋଷ ଦାଶ, ସାଧାରଣ ସମ୍ପାଦକ ଡ. କେଦାରନାଥ ସାହୁ, ମିଡିଆ ସେଲ ସଂଯୋଜକ ବସନ୍ତ କୁମାର ମଲ୍ଲ, ସହ ସମ୍ପାଦକ ସନ୍ତୋଷ ଦାଶ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଚାରିଛକ ବଜାର କମିଟି ତରଫରୁ ସଭାପତି ସନ୍ତୋଷ ପ୍ରଧାନ, ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷା ପ୍ରଫେସର ମିତ୍ରା, ଚାରିଛକ ଥାନାରେ ଥାନା ଅଧିକାରୀ ମମତା ବିଶ୍ୱାଳ, ପ୍ରାଚୀ ସାହିତ୍ୟ ସଂସଦର ସମ୍ପାଦକ ଡ. ସନ୍ତୋଷ କୁମାର ମିତ୍ର, ଭଗବାନ ସାହୁ ଚାରିଟେବୁଲ ଟ୍ରଷ୍ଟ ପଥରପଦାଠାରେ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ, ଭାଣପୁରସ୍ଥିତ ଦିବାକର ସ୍ମୃତି ସଂସଦ ଓ ପାଠାଗାରଠାରେ ଉପଦେଷ୍ଟା ପ୍ରଫେସର ଗୋପୀନାଥ କର ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ଅନ୍ତର୍ଯ୍ୟାମୀ କର ପ୍ରମୁଖ ଯୋଗଦେଇଥିଲେ। ନିଗମାନନ୍ଦ ବିଜ୍ଞାନ ମହାବିଦ୍ୟାଳୟରେ ମୁଖ୍ୟ ଅତିଥି ବାହାରଣା ପଞ୍ଚାୟତ ପୂର୍ବତନ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଳିକ, ଅମରେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁମିତ୍ରା ମେଲେକା, ତୁଳସୀପୁର ପ୍ରାଚୀ ବାଳିକା ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷୟିତ୍ରୀ ସବିତା ମହାନ୍ତି ଜାତୀୟ



ପତାକା ଉତୋଳନ କରିଥିଲେ। ତୁଳସୀପୁର ବିଜେଡି କାର୍ଯ୍ୟାଳୟରେ ବରିଷ୍ଠ କର୍ମୀ ଚକ୍ରଧର ସାହୁ ପତାକା ଉତ୍ତୋଳନ କରିଥିବାବେଳେ ତୁଳସୀପୁର ପଞ୍ଚାୟତ ଅଫିସରେ ସରପଞ୍ଚ ମଞ୍ଜୁଶ୍ରୀ ଭୋଇ ପତାକା ଉତ୍ତୋଳନ କରିଥିଲେ।

**ଅସ୍ତରଙ୍ଗ:** ଅସ୍ତରଙ୍ଗ ସାମ୍ବାଦିକ ସଂଘର ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଲକ୍ଷ୍ମୀ କଲ୍ୟାଣ ମଣ୍ଡପ ସମ୍ମୁଖରେ ବରିଷ୍ଠ ସାମ୍ବାଦିକ ଦୁଃଶାସନ ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ଉପଦେଷ୍ଟା ନିରଞ୍ଜନ ଦାସ, ସମ୍ପାଦକ ଲୋକନାଥ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଆର୍ଯ୍ୟ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ସମୀର କର, ଉପସଭାପତି ସମୀର ବେଉରା, ଆଇନ



ପରାମର୍ଶଦାତା ଦିବ୍ୟଦର୍ଶୀ ବିଶ୍ୱାଳ, ଅଶୋକ ପରିଡ଼ା, ସୁଧୀର କର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅସ୍ତରଙ୍ଗ ବ୍ଲକ୍‌ଠାରେ ଅଧ୍ୟକ୍ଷା ଆରତୀ ନାୟକ, ତହସିଲ୍‌ଠାରେ ତହସିଲ୍‌ଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଥାନାରେ ଆଇଆଇସି ଦୁର୍ଗାପ୍ରସାଦ ମହାପାତ୍ର ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ। ଦୁର୍ଗା କ୍ଲବ୍, ସବୁଜ ଶାଖା, ଗଣପତି କ୍ଲବ୍, ସୁରେନ୍ଦ୍ରନାଥ ବିଦ୍ୟାପୀଠ ସୁନ୍ଦର, ବେଳାଭୂମି ହାଇସ୍କୁଲ, ଲବଣ ସତ୍ୟାଗ୍ରହ ହାଇସ୍କୁଲ, ସରସ୍ୱତୀ ଶିଶୁମନ୍ଦିର, କୁଅଁରପୁର ପ୍ରଭୃତି ସରକାରୀ ବେସରକାରୀ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଅସ୍ତରଙ୍ଗ ଲକ୍ଷ୍ମୀ କ୍ଲବ୍ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଅସ୍ତରଙ୍ଗ ଆଇଆଇସି ଦୁର୍ଗା ପ୍ରସାଦ ମହାପାତ୍ର ଓ ସମାଜସେବୀ ଜଗନ୍ନାଥ ବେଉରା ଯୋଗଦେଇଥିଲେ। ଏଥିରେ ୪୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା।

**ନୟାହାଟ:** ଗୋପ ବ୍ଲକ୍ ନୟାହାଟ ଅଞ୍ଚଳରେ ୭୭ତମ ସାଧାରଣତନ୍ତ୍ର ଦିବସ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ପାଳିତ ହୋଇଯାଇଛି। ନୟାହାଟ ଫାଣ୍ଡିରେ ଅଧିକାରୀ ଶ୍ରୀଧର ମଲ୍ଲିକ ପତାକା ଉତ୍ତୋଳନ କରିଥିଲେ। ସେହିପରି ନୟାହାଟ ବ୍ୟବସାୟୀ ସଂଘ ପକ୍ଷରୁ ବଜାର ପରିସରରେ ଜାତୀୟ ପତାକାକୁ ବ୍ୟବସାୟୀ ସଙ୍ଘର ସଭାପତି ଫକୀର ଚରଣ ବାରିକ ଉତ୍ତୋଳନ କରିଥିଲେ। ସମ୍ପାଦକ ସୁବାସ ପାତ୍ର, ଗୌରାଙ୍ଗ ସାହୁ, ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଧୂମାଳ ପଞ୍ଚାୟତରେ ସରପଞ୍ଚ ମୋନାଲିସା ସିଂହ ପତାକା ଉତ୍ତୋଳନ କରିଥିଲେ।

● **ଜାତୀୟ ପତାକାକୁ ଅସମ୍ମାନ**

## ମଧ୍ୟାହ୍ନରେ ବିଧାୟିକା କଲେ ଉତ୍ତୋଳନ

**ବ୍ରହ୍ମଗିରି,୨୭।୧(ସମିସ):** ୭୭ତମ ଗଣତନ୍ତ୍ର ଦିବସ ଅବସରରେ ବସ୍‌ଷ୍ଟାଣ୍ଡଠାରେ ଜାତୀୟ ପତାକାକୁ ଅସମ୍ମାନ କରାଯାଇଥିବା ଦେଖିବାକୁ ମିଳିଛି। ବ୍ରହ୍ମଗିରିର ସମସ୍ତ ସରକାରୀ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ, ବ୍ୟାବସାୟିକ ଅନୁଷ୍ଠାନ ଓ ରାଜନୈତିକ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। କିନ୍ତୁ ବ୍ରହ୍ମଗିରି ବସ୍‌ଷ୍ଟାଣ୍ଡଠାରେ କରାଯାଇଥିଲା ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ଦେଖାଯାଇଥିଲା ବ୍ୟତିକ୍ରମ। ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଦିନ ୧୧ଟା ପରେ ପତାକା ଉତ୍ତୋଳନ କରିବା ପାଇଁ ବ୍ରହ୍ମଗିରି ବସ୍‌ଷ୍ଟାଣ୍ଡଠାରେ ପହଞ୍ଚିଥିଲେ। ବିଧାୟିକାଙ୍କ ସମର୍ଥକ ଦଳୀୟ କର୍ମୀ ଏବଂ ଶୁଭେଚ୍ଛୁମାନେ ସକାଳୁ ଅପେକ୍ଷା କରି ରହିଥିଲେ। ଜାତୀୟପତାକାକୁ ଅସମ୍ମାନ କରି ବିଧାୟିକା ମଧ୍ୟାହ୍ନରେ ଉତ୍ତୋଳନ କରିଥିଲେ। କିନ୍ତୁ ସେହି ପତାକା ଉଡ଼ି ନ ଥିବା ଦେଖିବାକୁ ମିଳିଥିଲା। ପତାକା ରଶି ଭିଡ଼ିବା ସମୟରେ ପତାକାଟି ଉପରୁ ଖସି ପଡ଼ିଥିଲା। ସେଠାରେ ଥିବା ଲୋକମାନେ ପୁନଶ୍ଚ ପତାକାକୁ ସଜାଡ଼ିବା ପରେ ଜାତୀୟ ପତାକା ଉଡ଼ାଯାଇଥିଲା।

ସମାଜସେବୀ ଅଭି ସିଂହ, ସଭାପତି ଦିଲ୍ଲୀପ ରାୟ, ସମିତିସଭ୍ୟା ଭାନୁମତି ମାଣିକ ପ୍ରମୁଖ ଉପସ୍ଥିତ ଥିଲେ। ଦୁର୍ଗା ମଣ୍ଡପଠାରେ ନୟାହାଟ ଫାଣ୍ଡି ଅଧିକାରୀ ପତାକା ଉତ୍ତୋଳନ କରିଥିବାବେଳେ ସୁରେନ୍ଦ୍ର ମୋହନ ବିଟି ଓ ଗିରିଧାରୀ କର୍ଣ୍ଣାଳୀ



ସଭ୍ୟବୃନ୍ଦ ଉପସ୍ଥିତ ଥିଲେ। ଜଙ୍ଗଲବୋରି ପଞ୍ଚାୟତରେ ସରପଞ୍ଚ ପ୍ରଭାତୀ ସାହୁ, ଦେସ୍ଥଳୀ ସରପଞ୍ଚ ରିଷ୍ଟା ସ୍ୱାଇଁ, ଇଶାଣପୁର ପଞ୍ଚାୟତ ସରପଞ୍ଚ ବିନୋଦିନୀ ପାଳ, ସୋରଭା ସରପଞ୍ଚ କିଶୋର ଚନ୍ଦ୍ର ସେଠୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ବଳଙ୍ଗା:** ବଳଙ୍ଗା ଥାନା ଅନ୍ତର୍ଗତ ବଳଙ୍ଗା ମହାବିଦ୍ୟାଳୟଠାରେ ଅଧ୍ୟକ୍ଷ ପ୍ରଭାତ ସାହୁ, ଲଙ୍କେଶ୍ୱରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବେରୋବୋଇଠାରେ ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ବଳଙ୍ଗା ଥାନାରେ ଦିବ୍ୟରଞ୍ଜନ ପଣ୍ଡା, ଜଳ ସମ୍ପଦ କାର୍ଯ୍ୟାଳୟରେ ପ୍ରଶାନ୍ତ ମହାନ୍ତି, ବାଲିଘାଇ ସରସ୍ୱତୀ ଶିଶୁ ମନ୍ଦିରରେ ପୂର୍ଣ୍ଣଚନ୍ଦ୍ର ଦୀକ୍ଷିତ, ବଡ଼ ନିନିଗାଁ ସରସ୍ୱତୀ ଶିଶୁମନ୍ଦିରରେ ସନ୍ତୋଷ ବରାଳ, ମା' ଲଙ୍କେଶ୍ୱରୀ



ବରିଷ୍ଠ ନାଗରିକ ମଞ୍ଚ ବଳଙ୍ଗାଠାରେ ସଭାପତି ଶଙ୍କର ବିଶ୍ୱାଳ, ଶିଶୁ କବି ସୁରେନ୍ଦ୍ର ପଣ୍ଡା, ଉଚ୍ଛୁପୁର ପଞ୍ଚାୟତରେ ସରପଞ୍ଚ ସୁରେଶ ମଙ୍ଗରାଜ, ସେବା ସମବାୟ ସମିତିରେ ସଭାପତି ଦେବେନ୍ଦ୍ର ପ୍ରଧାନ ପତାକା ଉତ୍ତୋଳନ କରିଥିଲେ। ସେହିପରି ଥାନା ଅନ୍ତର୍ଗତ ସମସ୍ତ ପଞ୍ଚାୟତ, ସ୍କୁଲ, ସରକାରୀ ଅଫିସ ଓ ବେସରକାରୀ ସଂସ୍ଥାମାନଙ୍କରେ ୭୭ତମ ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି।

---

● **ଅଭିଯୋଗ ଶୁଣାଣି ଶିବିର**

## ୬୮ ଅଭିଯୋଗରୁ ୬ଟି ଫଇସଲା

**କଣାସ,୨୭।୧(ସମିସ):** କଣାସ ପଞ୍ଚାୟତ ସମିତି ସଭାଗୃହରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଆରକ୍ଷୀ ଅଧୀକ୍ଷକ ପ୍ରତୀକ୍ ସିଂହ, ଉପଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ପ୍ରକଳ୍ପ ସଂଯୋଜକ ପ୍ରିୟରଞ୍ଜନ ପୃଷ୍ଟି, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ, ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, ତହସିଲ୍‌ଦାର ହିମାଂଶୁ ଶେଖର ଗିରି, ସିଡିପିଓ ଦେବାଶିଷ ମିଶ୍ର ଯୋଗଦେଇଥିଲେ। ଏଥିରେ ୬୮ ଜଣ ବ୍ୟକ୍ତି ଆବାସ, ରାସନକାର୍ଡ, ଭତ୍ତା ସମ୍ପର୍କରେ ଅଭିଯୋଗ କରିଥିଲେ। ସେଥିମଧ୍ୟରୁ ୬ ଜଣଙ୍କ ଅଭିଯୋଗ ତୁରନ୍ତ ଫଇସଲା କରାଯାଇଥିଲା। ଭତ୍ତା ଓ ଆବାସ ପାଇଁ ଦରଖାସ୍ତ କରିଥିବା ବ୍ୟକ୍ତିମାନଙ୍କୁ ତଦନ୍ତ କରି ଭତ୍ତା ଦେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଭିନ୍ନକ୍ଷମ ଶିବିରରେ ଚିହ୍ନଟ କରାଯାଇଥିବା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ତୁରନ୍ତ ପ୍ରମାଣପତ୍ର ଦେବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଧାନ ମଣ୍ଡି ଉଦ୍‌ଘାଟିତ

**କଣାସ,୨୭।୧(ସମିସ):** ବିଳମ୍ବରେ ହେଲେ ମଧ ମଙ୍ଗଳବାର କଣାସ ପଞ୍ଚାୟତ ସମିତି ନିକଟରେ ଥିବା ମା' କୁଞ୍ଜେଶ୍ୱରୀ ସମବାୟ ସମିତି ପକ୍ଷରୁ ସରକାରୀ ଧାନ ମଣ୍ଡି ଖୋଲାଯିବା ସହ ସମିତିର ସଭାପତି ସୁକାନ୍ତ କିଶୋର ସାମନ୍ତରାୟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ୨୪୧ ଜଣ ଚାଷୀ ଧାନ ବିକ୍ରୟ କରିବା ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିଥିବାବେଳେ ଉକ୍ତ ଚାଷୀମାନଙ୍କ ପାଖରେ ୭୦୦୩ କ୍ୱିଣ୍ଟାଲ ଧାନ ବିକ୍ରୟ କରିବାକୁ ଥିବାବେଳେ ୧୩୦ ଜଣ ଚାଷୀଙ୍କୁ ଧାନ ବିକ୍ରୟ କରିବା ପାଇଁ ଟୋକନ ଦିଆଯାଇଛି। ସରକାର ମାତ୍ର ୧ ହଜାର କ୍ୱିଣ୍ଟାଲ ଧାନ କିଣିବା ପାଇଁ ପ୍ରଥମ ଦଫା ସୁପାରିସ୍ କରିଛନ୍ତି। ମଙ୍ଗଳବାର ୬ ଜଣ ଚାଷୀ ୧୭୦ କ୍ୱିଣ୍ଟାଲ ଧାନ ବିକ୍ରୟ କରିଥିବାବେଳେ ମା' ମଙ୍ଗଳା ରାଇସ୍ ମିଲ୍ ବ୍ରହ୍ମଗିରି ଧାନ କ୍ରୟ କରିଥିଲେ। ଉଦ୍‌ଘାଟନ ସମୟରେ ପରିଚାଳନା ସଦସ୍ୟ ପ୍ରଭାକର ବଳିୟାରସିଂହ, ପ୍ରକାଶ ପ୍ରଧାନ, ରବିନ୍ଦ୍ର ବଳବନ୍ତରାୟ, ଅଭିମନ୍ୟୁ ଜୟସିଂହ, ଚିକନ ପ୍ରଧାନ, ସୁମିତ୍ରା ଭୋଳ, ତୁଳସୀ ପ୍ରଧାନ ଓ ସମିତିର ସମ୍ପାଦକ ଧିରେନ ମାନସିଂହ ଉପସ୍ଥିତ ଥିଲେ।

**ଅସ୍ତରଙ୍ଗ:** ଅସ୍ତରଙ୍ଗ ସେବା ସମବାୟ ସମିତିର ବନ୍ତିଲୋ ଓ ଏଡ଼ଭାଂଶ ଦୁଇଟି ସମିତିରେ ସୋମବାର ଖୋଲିଛି ଧାନ ମଣ୍ଡି। ପ୍ରଥମ ଦିନରେ ବନ୍ତିଲୋ ମଣ୍ଡିରୁ ୧୨ଜଣ ଚାଷୀଙ୍କଠାରୁ ୨୨୫ କ୍ୱିଣ୍ଟାଲ ଓ ଏଡ଼ଭାଂଶ ସମିତିରୁ ୧୧ ଜଣ ଚାଷୀଙ୍କଠାରୁ ୪୦୦ କ୍ୱିଣ୍ଟାଲ ଧାନ କିଣା ଯାଇଥିଲା। ଧାନ କିଣାବେଳେ କୌଣସି ଚାଷୀ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ ଏବଂ ମଣ୍ଡିରେ ସ୍ୱଚ୍ଛତା ଅବଲମ୍ବନ କରାଯିବ ବୋଲି ସମ୍ପାଦକ ହିମାଂଶୁ ପରିଡ଼ା, ପ୍ରକାଶ ମହାନ୍ତି ସୂଚନା ଦେଇଛନ୍ତି। ବନ୍ତିଲୋ ସମିତିର ଉଦ୍‌ଘାଟନ ଉତ୍ସବରେ ନିର୍ଦ୍ଦେଶକ କୁଞ୍ଜବିହାରୀ ପ୍ରଧାନ, ସମିତି ସଭାପତି ମାନସ ରଞ୍ଜନ ପ୍ରଧାନ, ସମ୍ପାଦକ ହିମାଂଶୁ ଶେଖର ପରିଡ଼ା, ଚାଷୀ ନିର୍ମଳ ମଲ୍ଲ, ଦିଲ୍ଲୀପ ପରିଡ଼ା, ଦୁର୍ଯ୍ୟୋଧନ ଓଝା ଓ ଏଡ଼ଭାଂଶ ସମିତିରେ ସଭାପତି ସରୋଜ ମହାନ୍ତି, ସମ୍ପାଦକ ପ୍ରକାଶ ମହାନ୍ତି, ଅତିଥି ପ୍ରତାପ ପରିଡ଼ା, ସରପଞ୍ଚ ଦୀପକ ପରିଡ଼ା, ସମିତିସଭ୍ୟ ଅମୀୟ ସେଠୀ, ଚାଷୀ ପ୍ରବୀଣ ସେନାପତି, ରମାକାନ୍ତ ସେନାପତି, ହଟ କିଶୋର ପରିଡ଼ା, ଯୋଗେନ୍ଦ୍ର ପରିଡ଼ାଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ହୋଇ ମଣ୍ଡିର ଶୁଭ ଉଦ୍‌ଘାଟନ କରାଯାଇଥିଲା।

## ଜମିଜମା ବିବାଦରୁ ଗୋଷ୍ଠୀ ସଂଘର୍ଷ; ୧୦ରୁ ଊର୍ଦ୍ଧ୍ୱ ଆହତ

**ଅସ୍ତରଙ୍ଗ,୨୭।୧(ସମିସ):** ଅସ୍ତରଙ୍ଗ ଥାନା ଅନ୍ତର୍ଗତ ମାଣ୍ଡୁକି ଗ୍ରାମ ପଞ୍ଚାୟତ ଅଧୀନ ଜାମୁଗାଁରେ ସୋମବାର ସକାଳୁ ଜମିଜମା ବିବାଦକୁ ନେଇ ଦୁଇ ପରିବାର ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଛି। ଗଣ୍ଡଗୋଳରେ କୋଦାଳ, ଶାବଳ, ହଂସୁଆ, ଢେଲାପଥର ମଡ଼ରେ ଉଭୟ ପରିବାରର ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ଅସ୍ତରଙ୍ଗ ମେଡିକାଲରେ ଚିକିତ୍ସା କରାଯାଇଥିବା ବେଳେ ଗୁରୁତର ଆହତମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୂର୍ବରୁ ଉଭୟଙ୍କ ଭିତରେ ଜମିଜମା ସୀମା ନିର୍ଦ୍ଧାରଣକୁ ନେଇ ବିବାଦ ଲାଗି ରହିଥିଲା। ଉଭୟ ପରିବାରଙ୍କ ଭିତରେ ଅନେକ ଥର ବାଦବିବାଦ ହୋଇଛି। ମାତ୍ର ଏଥର ଏହି ବିବାଦ ଭଙ୍ଗା କଂକ୍ରିଟ ଖଣ୍ଡ ପାଇଁ ଘଟିଛି ବୋଲି ଜଣାପଡ଼ିଛି। ଏନେଇ ଦୁଇ ପକ୍ଷରୁ ଦୁଇଟି ମାମଲା ରୁଜୁ ହୋଇଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଦୁର୍ଗା ଚରଣ ମହାପାତ୍ର ସୂଚନା ଦେଇଛନ୍ତି।

## ଖଜୁରାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ପିପିଲି,୨୭।୧(ସମିସ):** ମା' ଖଜୁରାଇ କ୍ରିକେଟ କ୍ଲବ୍ ସୁହାଗପୁର ଦ୍ୱାରା ଆୟୋଜିତ ତୃତୀୟ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟକୁ ପିପିଲି



ବ୍ଲକ୍ ଅଧ୍ୟକ୍ଷା ମନସ୍ୱିନୀ ନନ୍ଦ, ଜିଲ୍ଲା ପରିଷଦ ଧରଣୀଧର ସାହୁ, ସମାଜସେବୀ ବିରଜା ପ୍ରସାଦ ପଟ୍ଟନାୟକ, ସରପଞ୍ଚ ସତ୍ୟ ନାରାୟଣ ବସ୍ତିଆ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ରୟାଲ କିଙ୍ଗ୍ ସୁହାଗପୁର ଏମ୍‌ବିକେ ବଧିକୁ ହରାଇଥିଲା। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିବା ସହିତ ଫେବୃଆରୀ ୮ରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକଙ୍କ ତରଫରୁ ସିପୁନ୍ ମହାପାତ୍ର କହିଛନ୍ତି।

## ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା



**ନିମାପଡ଼ା,୨୭।୧(ସମିସ):** ନିମାପଡ଼ା ବ୍ଲକ୍ ଚାରିଛକ ନିକଟସ୍ଥ ପଥରପଦା ଗ୍ରାମରେ ଥିବା ମା' ବୁଢ଼ୀ ଠାକୁରାଣୀ ଗ୍ରାମଦେବତୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ମଙ୍ଗଳବାର ଏକ କଳସ ଯାତ୍ରା ହୋଇଯାଇଛି।

ଏହି କଳସ ଯାତ୍ରା ମାଧବସ୍ଥିତ ପବିତ୍ର ପ୍ରାଚୀ ନଦୀରୁ ସ୍ୱତନ୍ତ୍ର ନୀତିନିୟମ ଅନୁସାରେ କଳସଧାରୀମାନେ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନା କରିଥିଲେ। ଏଥିରେ ମୁଖ୍ୟ କର୍ତ୍ତା ଭାବେ ନିରଞ୍ଜନ ଦାଶ ଓ ନିର୍ମଳା ଦାଶଙ୍କ ସହିତ ୫୦ରୁ ଊର୍ଦ୍ଧ୍ୱ କଳସଧାରୀ କଳସ ଆଣିଥିଲେ। ମୁଖ୍ୟ ପଣ୍ଡିତ ରାଜକିଶୋର ଦାଶ ଓ ସହଯୋଗୀ ପଣ୍ଡିତ ଅକ୍ଷୟ ଆଚାର୍ଯ୍ୟ, ସୂର୍ଯ୍ୟ ନାରାୟଣ ଦାଶ, ସତ୍ୟଶ୍ରୀ ରଥ, ଦେବଦତ୍ତ ପାଢ଼ୀ, କାହ୍ନୁ ଚରଣ ପାଢ଼ୀ, ବିକ୍ରମ ପାଢ଼ୀ ସହଯୋଗ କରିଥିବାବେଳେ ମନ୍ଦିର ପୂଜକ ରସାନନ୍ଦ ଦାଶ, ମନୋଜ ଦାଶ, ସନାତନ ଦାସ ପୂଜା କାର୍ଯ୍ୟ କରିଥିଲେ। ଏହି ମନ୍ଦିର ପ୍ରତିଷ୍ଠା ମହାଯଜ୍ଞ ୪ ଦିନ ଧରି ଚାଲିବ ବୋଲି ଗ୍ରାମର ପୂଜା କମିଟି ତରଫରୁ ସୂଚନା ମିଳିଛି।

---

## ଡିଏଭି ଗୁରୁକୁଳ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବ୍ରହ୍ମଗିରି,୨୭।୧(ସମିସ):** ବ୍ରହ୍ମଗିରି ବ୍ଲକ୍ ହଲ୍ ଛକ ନିକଟରେ ଥିବା ଡିଏଭି ଗୁରୁକୁଳ ବିଦ୍ୟାଳୟର ସୋମବାର ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା। ଗଣତନ୍ତ୍ର ଦିବସରେ କୁନିକୁନି ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ଉପସ୍ଥିତ ହୋଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବରେ ବ୍ରହ୍ମଗିରି ଅତିରିକ୍ତ ତହସିଲ୍‌ଦାର ଶରତ କୁମାର ଦେହୁରୀ ମୁଖ୍ୟ



ଅତିଥିଭାବେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ତତ୍ତ୍ୱ କବି ତଥା ପ୍ରାକ୍ତନ ପ୍ରଧାନଶିକ୍ଷକ ବିଭୁଦତ୍ତ ଭିକାରୀ ଚରଣ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଭୌତିକ ଜ୍ଞାନ ଉପରେ ଚର୍ଚ୍ଚା କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପ୍ରାକ୍ତନ ମହାବିଦ୍ୟାଳୟ ଅଧ୍ୟକ୍ଷ ବିରଞ୍ଚି ନାରାୟଣ ପରିଡ଼ା, ଶରତ ଜେନା, ପ୍ରଫୁଲ୍ଲ କୁମାର ଜେନା, ବ୍ରଜବନ୍ଧୁ ମଲ୍ଲିକ, ଅନୁରାଧା ପ୍ରଧାନ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ଚିନରା ମଞ୍ଚ ପରିଚାଳନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପରିଚାଳକ ରଞ୍ଜନ କୁମାର ଚିନରା ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିଦ୍ୟାଳୟ ପରିସରରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ସ୍ଥାପନ



**କୋଣାର୍କ,୨୭।୧(ସମିସ):** କୋଣାର୍କ ନିକଟ ନୂଆଗାଁସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ପରିସରରେ ଲୋକସେବକ ମଣ୍ଡଳ ଓ ସମାଜ ରିଲିଫ୍ ଫଣ୍ଡ ସହଯୋଗରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୂପେ ଲୋକସେବକ ମଣ୍ଡଳର ଅଧ୍ୟକ୍ଷ ରାଜକୁମାର ଯୋଗଦେଇ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସମାଜର ମହାପ୍ରବନ୍ଧକ ଗୋପିନାଥ ବାରିକ, ଶିକ୍ଷାବିତ୍ ଶରତ ଚନ୍ଦ୍ର ପ୍ରଧାନ, ରେଡିଓ ନମସ୍କାରର ଅଧ୍ୟକ୍ଷ ଏନ୍.ଏ. ଶାହ ଅନ୍‌ସାରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଲେଙ୍କା, ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି ଓ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଶାନ୍ତ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନେ ଗୋପବନ୍ଧୁଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜକୁ ଅସହାୟ ମଣିଷର ସେବାରେ ସମର୍ପିତ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଶିକ୍ଷକ ଦିଲ୍ଲୀପ ନାୟକ, ମାନସ ମୁଦୁଲି, ଚିତ୍ରାଞ୍ଜଳି ନାୟକ, ସାମ୍ବାଦିକ ଧନଞ୍ଜୟ ବେହେରା, ଅଭୟ ନାୟକ, ସମାଜସେବୀ ମହାପ୍ରସାଦ ମହାରଣା, ଆଭାସ ମୁଦୁଲି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।






# ଶ୍ରୀକ୍ଷେତ୍ର ସିଟି

୨୭/୧/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୯୭,୫୯୧/- ସୁନା:୦୦.୧୮୦ ଗ୍ରାମ୍ ରୁପା: ୧୬.୩୦୦ ଗ୍ରାମ୍



### ୩ରେ ପୁରୀରେ ପହଞ୍ଚିବେ ରାଷ୍ଟ୍ରପତି

# ୪ରେ ଗର୍ଭଗୃହରେ କରିବେ ଦାରୁଦିଅଁଙ୍କୁ ଦର୍ଶନ




ପୁରୀ,୨୭।୧(ସମିସ): ଆସନ୍ତା ୩ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁରୀ ଗସ୍ତରେ ଆସିବେ। ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ଶ୍ୱେତଗଙ୍ଗା ପୁଷ୍କରିଣୀରେ ପିଣ୍ଡଦାନ ସହ ଶ୍ରୀମନ୍ଦିରରେ ଦାରୁଦିଅଁଙ୍କୁ ଦର୍ଶନ କରିବେ। ରାଷ୍ଟ୍ରପତି ବଡ଼ଦେଉଳରେ କିଭଳି ଶାନ୍ତିଶୃଙ୍ଖଳାର ସହ ଶ୍ରୀଜୀଉମାନଙ୍କ ସାନ୍ନିଧ୍ୟ ଲାଭ କରିବେ ସେଥିଲାଗି ମଙ୍ଗଳବାର ସନ୍ଧ୍ୟାରେ ଛତିଶା ନିଯୋଗ ଓ ନୀତି ସବ୍ କମିଟିର ଯୁଗ୍ମ ବୈଠକ ବସି ବ୍ୟବସ୍ଥାବଳୀ ପ୍ରସ୍ତୁତ କରାଯାଇଛି।

ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଷ୍ଟ୍ରପତିଙ୍କ ଦର୍ଶନ ସଂକ୍ରାନ୍ତରେ ଆଲୋଚନା କରାଯାଇ ସମୟ ନିର୍ଘଣ୍ଟ ହୋଇଛି। ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ପ୍ରାରମ୍ଭିକ ସୂଚନାଅନୁସାରେ ଫେବୃଆରୀ ୩ ତାରିଖ ସନ୍ଧ୍ୟାରେ ରାଷ୍ଟ୍ରପତି ପୁରୀରେ ପହଞ୍ଚି ରାତ୍ରିଯାପନ କରିବେ। ୪ ତାରିଖ ସକାଳ ୭ଟାରେ ଶ୍ୱେତଗଙ୍ଗା ପୁଷ୍କରିଣୀରେ ପିଣ୍ଡଦାନ କରିବେ। ପିଣ୍ଡଦାନ ପରେ ୭ଟା ୪୦ ସୁଦ୍ଧା ସିଂହଦ୍ୱାର ସମ୍ମୁଖରେ ପହଞ୍ଚିବା ଲାଗି ସୂଚନା ରହିଛି। ଅରୁଣସ୍ତମ୍ଭ ନିକଟରେ ଗଜପତି ମହାରାଜା, ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ, ଜିଲ୍ଲାପାଳ, ପରିଚାଳନା କମିଟି ସେବକ ପ୍ରତିନିଧି, ଛତିଶା ନିଯୋଗନାୟକ, କୌଳିକ ପଣ୍ଡା ତାଙ୍କୁ ସ୍ୱାଗତ କରିବା ସହ ମନ୍ଦିରକୁ ପାଛୋଟି ନେବେ। ବାଇଶିପାହାଚ, ସାତପାହଚ ଦେଇ ନାଟମଣ୍ଡପକୁ ପ୍ରବେଶ କରିବେ। ସେହି ସମୟରେ ନାଟମଣ୍ଡପର ଉଭୟ ପାର୍ଶ୍ୱରେ ବେଦପାଠୀମାନେ ସମାନ୍ତରାଳ ଭାବେ ରହି ବେଦପାଠ କରିବେ। ରାଷ୍ଟ୍ରପତି ଗରୁଡ଼ସ୍ତମ୍ଭ ଚତୁଃପାର୍ଶ୍ୱ ପରିକ୍ରମା ଶେଷ କରି ଜୟବିଜୟ ଦ୍ୱାର ଏବଂ ଧୁକୁଡ଼ି ଦ୍ୱାର ଦେଇ ଗର୍ଭଗୃହକୁ ଯାଇ ଶ୍ରୀଜୀଉମାନଙ୍କ ଦର୍ଶନ ଏବଂ ପୂଜାର୍ଚ୍ଚନା କରିବେ। ସେହି ସମୟରେ ରାଷ୍ଟ୍ରପତିଙ୍କ ସହିତ ପରମ୍ପରା ଅନୁଯାୟୀ ନିର୍ଦ୍ଦିଷ୍ଟ ଅଧିକାରୀ, କର୍ମଚାରୀ, ପାଳିଆ ସେବକ ରହିବେ। ପାଳିଆ ସେବକମାନଙ୍କୁ ପାସ୍ ଦିଆଯିବ। ଦର୍ଶନ ପରେ ରାଷ୍ଟ୍ରପତି ଧୁକୁଡ଼ି ଦ୍ୱାର ଦେଇ ବେହେରଣ ଦ୍ୱାରକୁ ବାହାରିବେ। ବେହେରଣ ଦ୍ୱାରରେ ଛତିଶା ନିଯୋଗ ନାୟକଙ୍କ ନେତୃତ୍ୱରେ ଅନ୍ୟ ନିଯୋଗ ସଭାପତି ସମ୍ପାଦକ ଉପସ୍ଥିତ ରହିବେ। ପୂଜାପଣ୍ଡାମାନେ ଇଚ୍ଛା କଲେ ମହାମହିମଙ୍କୁ ମାନପତ୍ର ପ୍ରଦାନ କରି ସ୍ୱସ୍ତିବାଚନ କରିପାରିବେ। ଏହାପରେ ରାଷ୍ଟ୍ରପତି ମା' ବିମଳା, ମା' ମହାଲକ୍ଷ୍ମୀଙ୍କ ଦର୍ଶନ ସାରି କୀର୍ତ୍ତନ ଚକଡ଼ା, ବାଇଶିପାହାଚ ଦେଇ ସିଂହଦ୍ୱାରକୁ ବାହାରିବେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉପହାର ସ୍ୱରୂପ ପଟ୍ଟଚିତ୍ର ପ୍ରଦାନ କରାଯିବ। ଅନ୍ୟ କେହି ଯଦି ଖଣ୍ଡୁଆ କିମ୍ବା କିଛି ଉପହାର ଦେବା ପାଇଁ ଚାହିଁବେ ତାହା ପ୍ରୋଟୋକଲ ବା ସୁରକ୍ଷା ଦୃଷ୍ଟିକୋଣରୁ ସେହି ସାମଗ୍ରୀଗୁଡ଼ିକ ପୂର୍ବରୁ ଯାଞ୍ଚ କରାଯିବ। ଏସ୍‌ପିଙ୍କ ପରାମର୍ଶକ୍ରମେ ତାହା ପ୍ରଦାନ କରାଯାଇପାରିବ।

ଯେହେତୁ ରାଷ୍ଟ୍ରପତି ସକାଳେ ଦର୍ଶନ କରିବେ ତେଣୁ ସେତେବେଳକୁ ଠାକୁରଙ୍କ ବେଶ ଶେଷ ହୋଇଥିବା ଦରକାର ବୋଲି ସେବାୟତମାନେ କହିଥିଲେ। ଏହାକୁ ନଜରରେ ରଖି ପ୍ରାତଃ ୪ଟା ସୁଦ୍ଧା ଦ୍ୱାରଫିଟା ନୀତି (ଜୟବିଜୟ ଦ୍ୱାର) ସମ୍ପୂର୍ଣ୍ଣ କରିବାକୁ ନିଷ୍ପତ୍ତି ହୋଇଛି। ତେଣୁ ତା' ପୂର୍ବରୁ ହିଁ ସିଂହଦ୍ୱାର ଖୋଲାଯିବ। ସକାଳ ୬ଟା ବେଳକୁ ମନ୍ଦିର ଶୋଧ କରାଯିବ। ଯେହେତୁ ରାଷ୍ଟ୍ରପତି ଦର୍ଶନ ସାରି ସକାଳ ୮ଟା ୨୦ ସୁଦ୍ଧା ପ୍ରତ୍ୟାବର୍ତ୍ତନ କରିବା ଲାଗି ସମୟ ରହିଛି ତେଣୁ ୨ ଘଣ୍ଟା ଭକ୍ତଙ୍କ ଦର୍ଶନ ବନ୍ଦ ରହିବ। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ପାଖର୍ ମଠିର, ରୋଷଶାଳାରେ କାମ ଥିବା ସେବକମାନେ ଦକ୍ଷିଣ ଦ୍ୱାର ଦେଇ ମନ୍ଦିରକୁ ଆସିବେ। ପାଳିଆ ସେବକଙ୍କ ତାଲିକା ଆଗୁଆ ଦେବା ପାଇଁ କୁହାଯାଇଛି। ସେମାନଙ୍କୁ ଏସ୍‌ପି ପାସ୍ ପ୍ରଦାନ କରିବେ। ନୀତିକାନ୍ତି ସଅଳ କରିବା ଲାଗି କମାଣ୍ଡର ଓ ସେବାୟତମାନେ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ପରିଚାଳନା କମିଟି ସେବାୟତ ପ୍ରତିନିଧି ଏବଂ ବିଭିନ୍ନ ନିଯୋଗର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

**ସକାଳ ୬ରୁ ଶୋଧ ହେବ ଶ୍ରୀମନ୍ଦିର**

**୨ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ**

**ସକାଳେ ଶ୍ୱେତଗଙ୍ଗାରେ ପିଣ୍ଡଦାନ କରିବେ**

## ଶ୍ୱେତଗଙ୍ଗା ପୁଷ୍କରିଣୀରେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ

ଆସନ୍ତା ଫେବୃଆରୀ ୩ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ପରିବାର ସହ ପୁରୀ ଆସିବେ। ଶ୍ରୀକ୍ଷେତ୍ରରେ ପିଣ୍ଡଦାନ କରିବା ସହ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ମଙ୍ଗଳବାର ଛତିଶା ନିଯୋଗ ବୈଠକ ବସି ମହାମହିମଙ୍କ ଦର୍ଶନ ବ୍ୟବସ୍ଥା କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ତା' ଉପରେ ଆଲୋଚନା କରାଯାଇଛି। ତେବେ ରାଷ୍ଟ୍ରପତି ପ୍ରଥମେ ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ପୁଷ୍କରିଣୀ ଶ୍ୱେତଗଙ୍ଗାରେ ପୂର୍ବପୁରୁଷଙ୍କୁ ପିଣ୍ଡଦାନ କରିବେ। ତେଣୁ ମଙ୍ଗଳବାର ଶ୍ୱେତଗଙ୍ଗା ପୁଷ୍କରିଣୀର ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି ଡିଜି (ଅପରେସନ) ସଞ୍ଜୀବ କୁମାର ପଣ୍ଡା। ତାଙ୍କ ସହ ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀମାନେ ଶ୍ୱେତଗଙ୍ଗାକୁ ଯାଇ ରାଷ୍ଟ୍ରପତି କେଉଁ ବାଟରେ ଯିବେ, କେଉଁଠି ପିଣ୍ଡଦାନ କରିବେ, ପୁଷ୍କରିଣୀ ଚତୁଃପାଶ୍ୱର୍ର ସ୍ଥିତି ଆଦି ବୁଲି ଦେଖିଛନ୍ତି।



● ଆଜି ମହାପ୍ରଭୁଙ୍କ ବନକଲାଗି

## ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ,୨୭।୧(ସମିସ): ମାଘ ଶୁକ୍ଳ ଦଶମୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପ୍ରାୟ ୪ ଘଣ୍ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥା'ନ୍ତି।

● ପୁଣି ମାତିଲେ ମୂର୍ତ୍ତି ଚୋର

## ବାଲି କପିଳେଶ୍ୱର ମନ୍ଦିରରୁ ମୂର୍ତ୍ତି ଓ ହୁଣ୍ଡି ବାକ୍ସ ଚୋରି

ପୁରୀ,୨୭।୧(ସମିସ): କିଛିମାସର ନିରବତା ପରେ ପୁଣି ପୁରୀରେ ମାତିଲେ ମୂର୍ତ୍ତି ଚୋର। ରାତି ଅଧରେ ମନ୍ଦିରରେ ପଶି ମୂର୍ତ୍ତି ସହିତ ହୁଣ୍ଡି ବାକ୍ସ ଚୋରି କରି ନେଲେ ଦୁର୍ବୃତ୍ତ। ପୁରୀ ସଦର ଥାନା ଅନ୍ତର୍ଗତ ମଙ୍ଗଳାଘାଟ ନିକଟରେ ଥିବା ବାଲି କପିଳେଶ୍ୱର ମନ୍ଦିରରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଖବର ପାଇ ଘଟଣାସ୍ଥଳରେ ସଦର ଥାନା ପୁଲିସ ସହ ଏସ୍‌ପି ପ୍ରତୀକ ସିଂ ପହଞ୍ଚି ଅନୁଧ୍ୟାନ କରିବା ସହ ତଦନ୍ତ କରିଛନ୍ତି। ଦୁର୍ବୃତ୍ତମାନେ ମନ୍ଦିରରୁ ମୂର୍ତ୍ତି ଓ ହୁଣ୍ଡି ବାକ୍ସ ଚୋରି କରିନେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସୂଚନା ଅନୁଯାୟୀ, ସୋମବାର ରାତିରେ ପୂଜାରୀ ପୂଜାର୍ଚ୍ଚନା ସାରି ମନ୍ଦିରରେ ତାଲା ପକାଇ ଘରକୁ ଯାଇଥିଲେ। ମଙ୍ଗଳବାର ସକାଳୁ ପୂଜକ ମନ୍ଦିରକୁ ଆସିବା ପରେ ଚୋରି ବିଷୟରେ ଜାଣିଥିଲେ। ଘଟଣା ବିଷୟରେ ସ୍ଥାନୀୟ ଲୋକେ ଓ ପୂଜକ ସଦର ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ସିସିଟିଭି ଫୁଟେଜ୍ ଯାଞ୍ଚ ସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଛି। ଏଥିସହ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। କିଛିଦିନର ନିରବତା ପରେ ଏବେ ପୁଣିଥରେ ପୁରୀରେ ମୂର୍ତ୍ତି ଚୋର ମାତିଛନ୍ତି। ଫଳରେ ମନ୍ଦିରଗୁଡ଼ିକର ସୁରକ୍ଷା ନେଇ ସ୍ଥାନୀୟ ଅଞ୍ଚଳବାସୀ ଓ କମିଟିର ଚିନ୍ତା ବଢ଼ିଛି।

## ବସ୍ ଦୁର୍ଘଟଣାରେ ଆହତ ବୃଦ୍ଧା ମୃତ

ପୁରୀ,୨୭।୧(ସମିସ): ନବକଳେବର ରୋଡ୍‌ରେ ବସ୍ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଥିବା ବୃଦ୍ଧାଙ୍କର ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସୂଚନାଥାଉ କି, ଗତ ଶୁକ୍ରବାର ସକାଳେ ନବକଳେବର ରୋଡ୍ ଅଞ୍ଚଳରେ ଭଡ଼ା ଘର ନେଇ ରହୁଥିବା ଅନୁଗୁଳର ଲକ୍ଷ୍ମୀ ମହାରଣା କୌଣସି ଏକ କାମରେ ମାଟିଆପଡ଼ା ଛକ ଅଭିମୁଖେ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଭୁବନେଶ୍ୱର ଆଡ଼କୁ ଯାଉଥିବା ଜଗନ୍ନାଥ ବସ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କ ଗୋଡ଼ ଉପରେ ବସ୍‌ଟି ଚଢ଼ିଯିବାରୁ ମାଂସ ଛିଣ୍ଡି ତଳେ ପଡ଼ିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି।

## ସୂରଜମଲ ସାହା କଲେଜର ବାର୍ଷିକ ଉତ୍ସବ

ପୁରୀ,୨୭।୧(ସମିସ): ସ୍ଥାନୀୟ ସୂରଜମଲ ସାହା ମହାବିଦ୍ୟାଳୟର ୪୬ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ୧୯୮୦ ମସିହାଠାରୁ ଏହି ମହାବିଦ୍ୟାଳୟ ଆଜି ପର୍ଯ୍ୟନ୍ତ ପୁରୀ ତଥା ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷିତ କରିବା ଦିଗରେ ନିରନ୍ତର ପ୍ରୟାସ ଜାରି ରଖିବା ସହିତ ଶିକ୍ଷାର ମାନବୃଦ୍ଧିରେ ସହାୟକ ହୋଇପାରିଛି। ଏହି ମହାର୍ଘ୍ୟ ଉତ୍ସବରେ ମୁଖ୍ୟଅତିଥି ଭାବେ ଲୋକସଭା ସାଂସଦ ଡ. ସମ୍ବିତ ପାତ୍ର, ମୁଖ୍ୟବକ୍ତା ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଯୋଗଦେଇ ଛାତ୍ରଛାତ୍ରୀ ତଥା ମହାବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ବହୁ ମୂଲ୍ୟବାନ ଉପଦେଶ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଶରତ କୁମାର ସାହୁ ସ୍ୱାଗତ ଭାଷଣ ଦେବା ସହ ମହାବିଦ୍ୟାଳୟର ଅଭାବ ଅସୁବିଧା ସମ୍ପର୍କରେ ଅତିଥିମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରାଧ୍ୟାପିକା ସୁଜାତା ବେହେରା ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ସଭା ପରିଚାଳନାର ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ ପ୍ରାଧ୍ୟାପିକା ସୁଜାତା ବେହେରା, ଅଧ୍ୟାପିକା ସଙ୍ଗୀତା ମିଶ୍ର, ଅଧ୍ୟାପକ ଡ. ଦୀପ୍ତି ପ୍ରସାଦ ମହାନ୍ତି, ଅଧ୍ୟାପିକା ସ୍ମୃତିକଳା ମହାନ୍ତି ଓ ଅଧ୍ୟାପିକା ସତ୍ୟେଶ୍ୱରୀ ପ୍ରଧାନ। ଏହି ଅବସରରେ ପ୍ରାକ୍ତନ ଛାତ୍ରଛାତ୍ରୀ, ପୂର୍ବତନ ପରିଚାଳନା ସମିତି ସଦସ୍ୟବୃନ୍ଦ ଓ ଅବସରପ୍ରାପ୍ତ ଅଧ୍ୟକ୍ଷ, ଅଧ୍ୟକ୍ଷା, ଶିକ୍ଷକ ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ପ୍ରାଧ୍ୟାପକ ସୁଶାନ୍ତ ମହାପାତ୍ର, ପ୍ରାଧ୍ୟାପକ ଅଜୟ କୁମାର ପାଣି, ଅଧ୍ୟାପକ ଧର୍ମେନ୍ଦ୍ର କୁମାର ପଟ୍ଟନାୟକ, ଅଧ୍ୟାପକ ରାଧାଶ୍ୟାମ ପଲାଇ, ଅଧ୍ୟାପକ ନଳିନୀକାନ୍ତ ପଟ୍ଟନାୟକ, ଅଧ୍ୟାପକ ଅଜିତ୍ ଦଳାଇ, ଅଧ୍ୟାପିକା ହରପ୍ରିୟା ମହାରଣା, ଅଧ୍ୟାପକ ରବିନାର ବିନାରାୟଣ ମହାପାତ୍ର, ବଡ଼ବାବୁ ବଳରାମ ମିଶ୍ର, ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ୧୪ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

ପୁରୀ,୨୭।୧(ସମିସ): ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ 'ଅପରେସନ ଚକ୍ର' ଜାରି ରହିଛି। ଅନେକ ସମୟରେ ବେଆଇନ ନିଶାଦ୍ରବ୍ୟ ଜବତ ହେଉଥିବାବେଳେ ଅଭିଯୁକ୍ତ ଗିରଫ ହେଉଛନ୍ତି। ତଥାପି ଏହା ଉପରେ ରୋକ୍ ଲାଗିପାରୁ ନାହିଁ। ମଙ୍ଗଳବାର କୁମ୍ଭାରପଡ଼ା ଥାନା ପୁଲିସ ୧୪ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିବା ସହ ଜଣକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ସେଚନ କୁମାର ଦାସ। ସୂଚନା ଅନୁଯାୟୀ, ସକାଳ ପାଟ୍ରୋଲିଂ ସମୟରେ ବିଶେଷ ସୂତ୍ରରୁ ସୂଚନା ପାଇ ରେଲ୍‌ୱେ ଯାତ୍ରୀନିବାସ ନିକଟରେ ଚଢ଼ଉ କରି ସେଚନକୁ କାବୁ କରିବା ସହ ତା' ନିକଟରୁ ୧୪ ଗ୍ରାମ୍ ବ୍ରାଉନ୍‌ସୁଗର (ଯାହାର ଆନୁମାନିକ ମୂଲ୍ୟ ୧ଲକ୍ଷ ୫୦ ହଜାର ଟଙ୍କା) ଜବତ କରଯାଇଛି। ବେଆଇନ ନିଶାଦ୍ରବ୍ୟ କାରବାର ଅଭିଯୋଗରେ ଅଭିଯୁକ୍ତ ବିରୋଧରେ ଏନ୍‌ଡିପିଏସ୍ ଆଇନ ଅନୁସାରେ ଏକ ମାମଲା ରୁଜୁ କରାଯାଇ ତାକୁ କୋର୍ଟ ଚାଲାଣ କରିଛି ପୁଲିସ।

## ବିଭିନ୍ନ ଅନୁଷ୍ଠାନରେ ଉଡ଼ିଲା ତ୍ରିରଙ୍ଗା

● 'ସକାଳ' ଜିଲ୍ଲା କାର୍ଯ୍ୟାଳୟ

ପୁରୀ,୨୭।୧(ସମିସ): ନବକଳେବର ରୋଡ୍‌ସ୍ଥିତ 'ସକାଳ' ଖବରକାଗଜ ଏବଂ 'ନନ୍ଦିଘୋଷ' ଟିଭିର ପୁରୀ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ଏଥିରେ କୁରାଳ ମହାସଂଘ ସଭାପତି ସରୋଜ କୁମାର ବେହେରା, ଭଗବତୀ ବିଦ୍ୟାନିକେତନର ସମ୍ପାଦକ ମହେନ୍ଦ୍ର ବିଶୋଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

● ସାଇ ଗ୍ଲୋବାଲ କିଡ୍ସ ସ୍କୁଲ

ସ୍ଥାନୀୟ ଭିଆଇପି ରୋଡ୍‌ସ୍ଥିତ ସାଇ ଗ୍ଲୋବାଲ କିଡ୍‌ସ ସ୍କୁଲ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ଅତିଥି ଭାବେ ଶ୍ରୀକ୍ଷେତ୍ର ଚିନ୍ତନ ଚକ୍ରର ସଭାପତି, ସଭ୍ୟ ଅଜୟ କୁମାର ଦାଶ ଓ ଡ. ପ୍ରଭାତ ମଞ୍ଜରୀ ପାଣି ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ପରେ ପିଲାମାନଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।

● ଭଗବତୀ ବିଦ୍ୟା ନିକେତନ




ଅଠରନଳାସ୍ଥିତ ଭଗବତୀ ବିଦ୍ୟା ନିକେତନର ସମ୍ପାଦକ ମହେନ୍ଦ୍ର ବିଶୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ଶିଶୁ ସାହିତ୍ୟିକ ଡ. ହେମନ୍ତ କୁମାର ଛୋଟରାୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟର ସଭାପତି ରମେଶ ଚନ୍ଦ୍ର ଦାଶ, ସହସମ୍ପାଦକ ଲକ୍ଷ୍ମୀଧର ମାଝୀ, ପ୍ରଧାନଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଈ ପ୍ରମୁଖ ଉପସ୍ଥିତ ଥିଲେ। କୁନିକୁନି ଛାତ୍ରଛାତ୍ରୀ ଦେଶାତ୍ମବୋଧ ସଂଗୀତ, ନୃତ୍ୟ ପରିବେଷଣ କରିବା ସଙ୍ଗେ ସଙ୍ଗେ ସ୍କାଉଟ୍ସ ଗାଇଡ୍ସର କବ୍ ବୁଲ୍‌ବୁଲ୍ ଅଭିନନ୍ଦନ ସଙ୍ଗୀତ ଗାନ କରିଥିଲେ। ପ୍ରଜ୍ଞା ସାହୁ ମଞ୍ଚ ସଂଯୋଜନା କରିଥିବାବେଳେ ପ୍ରାତଃ ବିଭାଗ ସଞ୍ଚାଳିକା ମମତା ଦାସ, ସହକାରୀ ଶିକ୍ଷୟିତ୍ରୀ ସୁସ୍ମିତା ବାରିକ, ଦିବ୍ୟାଶା ମହାନ୍ତି, ରତ୍ନମଣି ଦଳେଇ, ସବିତା ପରିଡ଼ା, ସୋନମ୍ ପ୍ରିୟା ସେନାପତି, ସୁଚିସ୍ମିତା ମହାପାତ୍ର, ଜଳନ୍ଧର ବିଶୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଲକ୍ଷ୍ମୀଧର ମାଝୀ।

## ଟୁର୍ ଆଣ୍ଡ ଟ୍ରାଭେଲ୍ସରେ ପୁଲିସର ଚଢ଼ଉ

**୨୫ ଟୁର୍ ଅପରେଟରଙ୍କୁ ଟ୍ରେଡ୍ ଲାଇସେନ୍ସ କରିବାକୁ ତାଗିଦ୍**

ପୁରୀ,୨୭।୧(ସମିସ): ପୁରୀ ସହରରେ ମାଳମାଳ ଟୁର୍ ଆଣ୍ଡ ଟ୍ରାଭେଲ୍ସ ଏଜେନ୍ସି। ପୂର୍ବରୁ ଅନେକ ଏଜେନ୍ସିଙ୍କ ବିରୋଧରେ ଅଭିଯୋଗ ରହିଥିଲା। ଏହାକୁ ଭିତ୍ତିକରି ମଙ୍ଗଳବାର ପୁଲିସ ପକ୍ଷରୁ ପୁରୀ ସିଟି ଡିଭିଜନ ଅଞ୍ଚଳରେ ବିଭିନ୍ନ ଟୁର୍ ଆଣ୍ଡ ଟ୍ରାଭେଲ୍ସ ଏଜେନ୍ସି ଉପରେ ଚଢ଼ଉ କରାଯାଇଛି। ସେମାନେ ଓଡ଼ିଶା ପର୍ଯ୍ୟଟନ ବିଭାଗରୁ ଅନୁମୋଦନ ବା ସ୍ୱୀକୃତି, ପୁରୀ ପୌରପାଳିକାରୁ ବ୍ୟବସାୟୀ ଲାଇସେନ୍ସ, ଜିଏସ୍‌ଟି ପଞ୍ଜୀକରଣ ଏବଂ ଫାର୍ମ ପଞ୍ଜୀକରଣ ଆଦି ନେଇ ତଦନ୍ତ କରାଯାଇଥିଲା। ଏଥିସହ ଭୁବନେଶ୍ୱର, କୋଣାର୍କ, ସାତପଡ଼ା ସାଇଟ୍ ସିନ୍ ପାଇଁ ଧାର୍ଯ୍ୟ ଦରଠାରୁ ଅଧିକ ଟଙ୍କା ନେଇ ପର୍ଯ୍ୟଟକଙ୍କୁ ଠକେଇ କରୁଛନ୍ତି ନା ସଠିକ୍ ଟଙ୍କା ନେଇ ବୁକିଂ କରୁଛନ୍ତି ଏ ସମସ୍ତ ଉପରେ ଯାଞ୍ଚ କରାଯାଇଥିଲା। ତେବେ ୨୨ ଜଣ ଟୁର୍ ଅପରେଟର ନିୟମ ଭିତରେ ଆବଶ୍ୟକ କାଗଜପତ୍ର ସହ ଚାଲୁଥିବାବେଳେ ୨୫ ଜଣ ବିନା ଟ୍ରେଡ୍ ଲାଇସେନ୍ସରେ ଚଳାଉଥିବାରୁ ସେମାନଙ୍କୁ ପୁଲିସ ପକ୍ଷରୁ ତାଗିଦ୍ କରାଯାଇଥିଲା। ପର୍ଯ୍ୟଟନ ତଥା ଆଧ୍ୟାତ୍ମିକ ସହର ପୁରୀ। ଏଠାକୁ ପ୍ରତିଦିନ ଦେଶ ବିଦେଶରୁ ହଜାର ହଜାର ଭକ୍ତ, ପର୍ଯ୍ୟଟକ ଆସିଥା'ନ୍ତି। ତେବେ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ଲୁଟିଥା'ନ୍ତି ଟୁର୍ ଆଣ୍ଡ ଟ୍ରାଭେଲ୍ସ ଅପରେଟର୍। ଏହା ରୋଜଗାରର ଏକ ଭଲ ପନ୍ଥା। ଏଭଳି ମାନସିକତାରୁ ପୁରୀରେ ଛତୁ ଫୁଟିଲା ଭଳି ବିଭିନ୍ନ ସ୍ଥାନ ଅବରୋଧ କରି ଟୁର୍ ଆଣ୍ଡ ଟ୍ରାଭେଲ୍ସ ଅପରେଟର ଚଳାଇଛନ୍ତି ଅଫିସ। ଅବାଧରେ ଚାଲିଛି ଅସାମାଜିକ କାର୍ଯ୍ୟ। ଏମିତି ପୂର୍ବରୁ ଅନେକ ଅଭିଯୋଗ ଥିବାବେଳେ ମଙ୍ଗଳାବାର ହଠାତ୍ ଆକ୍ସନ ମୋଡ୍‌କୁ ଆସିଥିଲା ପୁଲିସ। ଟୁର୍ ଆଣ୍ଡ ଟ୍ରାଭେଲ୍ସ ଏଜେନ୍ସିରେ ଚଢ଼ଉ କରିଥିଲା। ଏକାଧିକ ଟ୍ରାଭେଲ୍ସ ଏଜେନ୍ସିର ନାହିଁ ପଞ୍ଜୀକରଣ। ସେହିପରି ଅନେକଙ୍କର ଜିଏସ୍‌ଟି ନମ୍ବର ନାହିଁ। ବେଆଇନ ଭାବେ ଆର୍ଥିକ କାରବାର କରୁଛନ୍ତି। ଏପରିକି ଭକ୍ତଙ୍କୁ ମନଇଚ୍ଛା ଦର ଭିଡୁଛନ୍ତି। ଟିକଟ୍ ବୁକିଂ ଓ ଟାକ୍ସି ବୁକିଂ କରି ଠକାମୀରେ ପଡୁଛନ୍ତି ଭକ୍ତ ଓ ପର୍ଯ୍ୟଟକ। ବିଶେଷକରି କାଗଜପତ୍ର ଯାଞ୍ଚ ସହ ବେଆଇନ ଭାବେ ଟୁର୍ ଆଣ୍ଡ ଟ୍ରାଭେଲ୍ସ ପରିଚାଳନା କରୁଥିବା ଏଜେନ୍ସି ଉପରେ ଏହି ଚଢ଼ଉ ହୋଇଛି। ତେବେ ୨୨ ଜଣ ଆବଶ୍ୟକ କାଗଜପତ୍ର ସହ ବ୍ୟବସାୟ କରୁଥିବାବେଳେ ୨୫ ଜଣ ଟୁର୍ ଅପରେଟର ମାନଦଣ୍ଡ ପାଳନ କରୁନାହାନ୍ତି ବୋଲି ଜଣାପଡ଼ିଥିଲା। ତେଣୁ ସେମାନଙ୍କୁ ଚେତାବନୀ ଦିଆଯାଇଛି। ଆବଶ୍ୟକୀୟ ଟ୍ରେଡ୍ ଲାଇସେନ୍ସ ଓ କାଗଜପତ୍ର କରିବା ଲାଗି କୁହାଯାଇଛି। ଏହି ଚଢ଼ଉରେ ସିଟି ଡିଭିଜନ ଅନ୍ତର୍ଗତ ସବୁ ଥାନାର ଅଧିକାରୀମାନେ ସାମିଲ୍ ଥିଲେ।

### ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

## ସାଂସ୍କୃତିକ ଚେତନାର ଅନ୍ତୁଡ଼ିଶାଳ ଶ୍ରୀକ୍ଷେତ୍ର






● ଶ୍ରୀଜଗନ୍ନାଥ ସମଗ୍ର ଓଡ଼ିଆ ଜାତିର ଅସ୍ତିତ୍ୱ ଓ ଅସ୍ମିତାର ପ୍ରତୀକ

● ସମ୍ବିଧାନର ପ୍ରତିଟି ଶବ୍ଦରେ ଐକ୍ୟ, ଜାତୀୟତା ଓ ଭାଇଚାରା ଭରି ରହିଛି

ପୁରୀ,୨୭।୧(ସମିସ): ଆମ ଦେଶର ସମ୍ବିଧାନର ମୂଳ ମନ୍ତ୍ର ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭାଇଚାରା। ସମ୍ବିଧାନର ପ୍ରତିଟି ଶବ୍ଦରେ ଐକ୍ୟ, ଜାତୀୟତା ଓ ଭାଇଚାରା ଭରି ରହିଛି। ଏଥିପାଇଁ ଭାରତ ସମଗ୍ର ବିଶ୍ୱରେ ଏକ କ୍ରିୟାଶୀଳ ପ୍ରଜାତନ୍ତ୍ର ଭାବେ ଉଭା ହେବା ସହ ଏହାର ସଫଳତା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସୋମବାର ତାଳବଣିଆସ୍ଥିତ ସ୍ପୋର୍ଟ୍ସ ଗ୍ରାଉଣ୍ଡଠାରେ ପୁରୀ ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ, ପରେଡ୍ ପରିଦର୍ଶନ ଓ ଅଭିବାଦନ ଗ୍ରହଣ କରି ମନ୍ତ୍ରୀ ଶ୍ରୀ ପୂଜାରୀ ସ୍ୱାଧୀନତା ଆନ୍ଦୋଳନର ସଂଗ୍ରାମୀମାନଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗ ଓ ଆମ ସମସ୍ତଙ୍କ ସମନ୍ୱୟରେ ୨୦୩୬ ସୁଦ୍ଧା ଉତ୍କର୍ଷ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ହୋଇପାରିବ ବୋଲି କହିଥିଲେ। ଶ୍ରୀଜଗନ୍ନାଥ ସମଗ୍ର ଓଡ଼ିଆ ଜାତିର ଅସ୍ତିତ୍ୱ ଓ ଅସ୍ମିତାର ପ୍ରତୀକ। ଶ୍ରୀକ୍ଷେତ୍ର ସାଂସ୍କୃତିକ ଚେତନାର ଅନ୍ତୁଡ଼ିଶାଳ। ପଟ୍ଟଚିତ୍ର, ମାହାରୀ, ଓଡ଼ିଶୀ ନୃତ୍ୟ, ଗୋଟିପୁଅ, ଶାସ୍ତ୍ରୀୟ ସଙ୍ଗୀତ ଓଡ଼ିଆ ସଂସ୍କୃତିର ଅମୂଲ୍ୟ ଧନ। ଶ୍ରୀମଦ୍ ଭାଗବତ ଗୀତା ସୃଷ୍ଟିର ଶ୍ରେଷ୍ଠ ଗ୍ରନ୍ଥ। ଗଙ୍ଗାଧର ମେହେର, ସନ୍ଥକବିଙ୍କ ଜୀବନଧର୍ମୀ ରଚନା ବିଶ୍ୱକୁ ଚମକୃତ କରିଛି। ୧୮୫୭କୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ବିବେଚନା କରାଯାଉଥିଲେ ମଧ୍ୟ ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ ତାହା ପୂର୍ବରୁ ବ୍ରିଟିଶଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ। ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ।

ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟଅତିଥି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପାଇଁ ୩୫ ଜଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବ୍ୟକ୍ତି ଓ ଅନୁଷ୍ଠାନ ଏବଂ ପରେଡ୍‌ର ଶ୍ରେଷ୍ଠ ଦଳଙ୍କୁ ମନ୍ତ୍ରୀ ପୁରସ୍କୃତ କରିଥିଲେ। ପରେ ମୁଖ୍ୟଅତିଥି ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ ପୋଷାକ, ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ଗୋପବନ୍ଧୁ ଆୟୁର୍ବେଦିକ କଲେଜ ପରିସରରେ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିବା ସହ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଜିଲ୍ଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ପ୍ରତ୍ୟୁଷରୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ ପରିବେଷଣ କରାଯାଇଥିଲା। ଗାନ୍ଧୀଘାଟଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା।

ସକାଳ
THE SAKALA



www.sakalaepaper.com

## ଜିଲ୍ଲା ପରିଷଦ ସାଧାରଣ ଅଧିବେଶନ

# ବ୍ଲକ୍ ଅଧ୍ୟକ୍ଷାଙ୍କୁ ଦୁର୍ବ୍ୟବହାର କଲେ ବିଧାୟକ




ନୟାଗଡ଼,୨୭।୧(ସମିସ): ନୟାଗଡ଼ ଜିଲ୍ଲା ପରିଷଦର ଏକାଦଶ ସାଧାରଣ ଅଧିବେଶନ ଜନପ୍ରତିନିଧିଙ୍କ ତୁ ତୁ ମେ ମେ ମଧ୍ୟରେ ଶେଷ ହୋଇଛି । ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରାଙ୍କୁ ଖଣ୍ଡପଡ଼ା ବିଧାୟକ ଆକ୍ଷେପ କରିବାକୁ ନେଇ ବୈଠକ ସରଗରମ ହୋଇଛି । ଅଧ୍ୟକ୍ଷା ବିଡିଓଙ୍କ ମନମାନୀକୁ ପ୍ରସଙ୍ଗ ଉଠାଉଥିବା ବେଳେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଅଧ୍ୟକ୍ଷାଙ୍କ ସେନ୍ସ ଠିକ୍ ନଥିବା କହି ବସିବାକୁ କହିବାକୁ ବିଭିନ୍ନ ମହଲରୁ ନାପସନ୍ଦ କରାଯାଇଛି। ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଏହି ତର୍କବିତର୍କ ବନ୍ଦ ହୋଇଥିବା ବେଳେ ଅଧ୍ୟକ୍ଷା ଏହାକୁ ନେଇ ମାମଲା କରିବେ ବୋଲି ପରୋକ୍ଷରେ ସୂଚନା ଦେଇଛନ୍ତି। ଏହି ବୈଠକରେ ସ୍ୱଚ୍ଛ ଭାରତ ମିଶନ, ରାସ୍ତା ଓ ଗୃହ ନିର୍ମାଣ, ଜଳସେଚନ, କ୍ଷୁଦ୍ର ଜଳସେଚନ ଓ ସେଚାଞ୍ଚଳ ଉନ୍ନୟନ ବିଭାଗ, ଗ୍ରାମ୍ୟ ଉନ୍ନୟନ ଏବଂ ମେଗା ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟର ସମୀକ୍ଷା କରାଯାଇଥିଲା।

ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବାଚସ୍ପତି ତଥା ରଣପୁର ବିଧାୟକ ସୁରମା ପାଢ଼ୀ, କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ବେହେରା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ଜିଲ୍ଲାପାଳ ମଧୁମିତା ରଥ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଅଧିକାରୀ ଓ ଜନ ପ୍ରତିନିଧିମାନଙ୍କ ମଧ୍ୟରେ ତାଳମେଳ ରହୁନଥିବା ଦେଖାଯାଇଥିଲା। ବୈଠକରେ ହେଉଥିବା ଆଲୋଚନା ସଂକ୍ରାନ୍ତରେ ଅଧିକାରୀମାନେ ଉପଯୁକ୍ତ ପଦକ୍ଷେପ ନେଉନଥିବା ବରିଷ୍ଠ ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀଙ୍କ ଅନ୍ୟମାନେ ଏ ସଂକ୍ରାନ୍ତରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ମଧ୍ୟ ଏ ଦିଗରେ ଅଧିକାରୀଙ୍କୁ ତାଗିଦ କରିବା ସହ କାର୍ଯ୍ୟରେ ଠକିଲେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ପ୍ରଥମେ ସ୍ୱଚ୍ଛ ଭାରତ ମିଶନ ଯୋଜନାର ସମୀକ୍ଷା କରାଯାଇଥିବା ବେଳେ ଆଦର୍ଶ ଗାଁ ସଂକ୍ରାନ୍ତରେ ଚାଲିଥିବା ସର୍ଭେ କାର୍ଯ୍ୟ ପଛେଇଥିବା ଜଣାପଡ଼ିଥିଲା। ଏ ନେଇ ତୁରନ୍ତ ପଦକ୍ଷେପ ନେଇ ସରକାରଙ୍କ

- ଏମ୍ଆଇ ଅଧୀକ୍ଷଣ ଯନ୍ତ୍ରୀଙ୍କୁ କାରଣଦର୍ଶାଅ ନୋଟିସ
- ଭାପୁର ବିଡିଓଙ୍କୁ ତାଗିଦ୍, ବୈଠକ ଡାକିବାକୁ ନିର୍ଦ୍ଦେଶ

ପକ୍ଷରୁ କରାଯାଇଥିବା ଟାର୍ଗେଟ୍ ହାସଲ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହାପରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ସମୀକ୍ଷା କରାଯାଇ ବିଭିନ୍ନ ବ୍ଲକରେ ପିଡବ୍ଲ୍ୟୁ ଓ ଆରଡି ବିଭାଗ ମଧ୍ୟରେ ତାଳମେଳ ରହୁନଥିବା ଯୋଗୁଁ ଜନସାଧାରଣ ହଇରାଣ ହେଉଥିବା ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ଜଳ ସେଚନ ବିଭାଗ ସଂକ୍ରାନ୍ତରେ ଆଲୋଚନା କରାଯାଇଥିବା ବେଳେ କ୍ଷୁଦ୍ର ଜଳସେଚନର ନିର୍ବାହୀ ଯନ୍ତ୍ରୀ ବୈଠକରେ ଅନୁପସ୍ଥିତ ଥିବା ଦେଖାଯାଇଥିଲା। ଏ ନେଇ ଜିଲ୍ଲାପାଳ ଅତ୍ୟନ୍ତ କ୍ଷୋଭ ପ୍ରକାଶ କରିବା ସହ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତଙ୍କୁ ସମ୍ପୃକ୍ତ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏମିତିକି ଉକ୍ତ ଅଧିକାରୀ ଯେପରି ଆସନ୍ତାକାଲି ତାଙ୍କୁ କାର୍ଯ୍ୟାଳୟରେ ସାକ୍ଷାତ କରିବେ ବୋଲି ଜିଲ୍ଲାପାଳ କହିଥିଲେ। ଏହାପରେ ମେଗା ପାନୀୟ ଜଳ ପ୍ରକଳ୍ପରେ ଅହେତୁକ ବିଳମ୍ବକୁ ନେଇ ଜନ ପ୍ରତିନିଧିମାନେ ଉଦବେଗ ପ୍ରକାଶ କରିଥିଲେ। ବିଶେଷ କରି ବିଦ୍ୟୁତ କାର୍ଯ୍ୟର ବିଳମ୍ବ ହେଉଥିବା ଯୋଗୁଁ ପ୍ରକଳ୍ପ ଚାଲୁ କରିବାରେ ସମସ୍ୟା ହେଉଛି ବୋଲି ଆରଡବ୍ଲୁଏସଏସ୍ ନିର୍ବାହୀ ଯନ୍ତ୍ରୀ ଆଲୋକ ପଣ୍ଡା କହିଥିଲେ। ତଥାପି ଚଳିତ ବର୍ଷ ଜୁନ୍ ମାସ ଶେଷ ସୁଦ୍ଧା ଏହି କାର୍ଯ୍ୟ ଶେଷ ହେବ ବୋଲି ସେ କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଭିତ୍ତିଭୂମୀ ପ୍ରସଙ୍ଗ ଆଲୋଚନା ବେଳେ ଭାପୁର ଜିଲ୍ଲା ପରିଷଦ ସୁଶାନ୍ତ ସାହୁ ଭାପୁର ଡାକ୍ତରଖାନା ନିର୍ମାଣ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଡାକ୍ତରଖାନା କୋଠା ନିର୍ମାଣରେ ବିଳମ୍ବତା ଅଭିଯୋଗ କରିଥିଲେ।

ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ବିଡିଓଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହା ସହିତ ଲିଖିତ ଅଭିଯୋଗ ରଖିଥିଲେ। ଭାପୁର ବିଡିଓ ପଞ୍ଚାୟତ ସମିତି ବୈଠକ ଡାକୁ ନଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ଜିଲ୍ଲାପାଳ ଭାପୁର ବିଡିଓଙ୍କୁ ତାଗିଦ୍ କରିବା ସହ ତୁରନ୍ତ ବୈଠକ ଡାକିବାକୁ ନିର୍ଦ୍ଦେଶ ଦେଇଥିଲେ। ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା କୁଳାସର ପଞ୍ଚାୟତ ପିଇଓ ବଦଳି ଏବଂ ଜଣେ ପିଇଓ ମନଇଚ୍ଛା ବ୍ୟାଙ୍କରୁ ଟଙ୍କା ଉଠାଇବାକୁ ପ୍ରସଙ୍ଗ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ପରିଷଦ ଉପସଭାପତି ବିଷ୍ଣୁପ୍ରିୟା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

ଖଣ୍ଡପଡ଼ା,୨୭।୧(ସମିସ): ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁମିତା ରଥ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ ସୁଶ୍ରୀ, ଖଣ୍ଡପଡ଼ା ଏସଡିପିଓ ମଦନ ମୋହନ ପ୍ରଧାନ, ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱବିଶୃତ ତ୍ରିପାଠୀ, ବନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ପଟ୍ଟନାୟକ, ଡ଼ଃ ଅଭିସାର ପଣ୍ଡା, ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ, କୃଷି ଓ ଉଦ୍ୟାନ କୃଷି ବିଭାଗ ଓ ଅନ୍ୟ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ। ସର୍ବମୋଟ ୭୭ ଗୋଟି ଅଭିଯୋଗପତ୍ର ଶିବିରରେ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୬୧ ଟି ବ୍ୟକ୍ତିଗତ, ୩ ଟି ଗ୍ରାମ୍ୟ ସମସ୍ୟା, ୧୩ ଟି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ସଂପର୍କିତ ଅଭିଯୋଗପତ୍ର ଗ୍ରହଣ କରାଯାଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି। ବିଭିନ୍ନ ଅଭିଯୋଗ ମଧ୍ୟରୁ ୨୦ ଟି ଅଭିଯୋଗର ତତ୍କାଳ ଶୁଣାଣି କରାଯାଇଥିବା ବେଳେ ଅନ୍ୟ ଅଭିଯୋଗ ଗୁଡ଼ିକୁ ତ୍ୱରିତ ସମାଧାନ ନିମନ୍ତେ ବ୍ଲକ ଉନ୍ନୟନ ଅଧିକାରୀ ଓ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ନେଇ ସୂଚନା ମିଳିଛି।

## ରାଷ୍ଟ୍ରପତି ପଦକ ପାଇଲେ ସୌମ୍ୟରଞ୍ଜନ




ଗଣିଆ,୨୭।୧(ସମିସ): ଗଣିଆ ବ୍ଲକ୍ର ପାଣ୍ଡରାସିଂହା ଗାଁର ବାସିନ୍ଦା ସୌମ୍ୟରଞ୍ଜନ ବେହେରା, ଯିଏ ଭାରତୀୟ ନୌସେନାରେ ଏଡଭାନ୍ସ ଲାଇଟ୍ ହେଲିକପ୍ଟର (ରେସ୍କ୍ୟୁ ହେଲିକପ୍ଟର)ରେ ଏୟାର୍ କ୍ରୁ ଡାଇଭର ଭାବେ କାର୍ଯ୍ୟରତ, ତାଙ୍କୁ ଅସାଧାରଣ ସାହସ ପାଇଁ ରାଷ୍ଟ୍ରପତିଙ୍କ 'ଉତ୍ତମ ଜୀବନ ରକ୍ଷା ପଦପ୍ରଦାନ କରାଯାଇଛି। ସମୁଦ୍ରରେ ସଙ୍କଟରେ ପଡ଼ିଥିବା ୧୧ ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିଥିବାରୁ, ଅପରେସନ୍ ସମୟରେ ଦେଖାଇଥିବା ଅସାଧାରଣ ସାହସ ଓ ସଚେତନତା ପାଇଁ ତାଙ୍କୁ ଏହି ସମ୍ମାନ ଦିଆଯାଇଛି । ଆଜି ଗଣତନ୍ତ୍ର ଦିବସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଏହି ପଦକ ପ୍ରଦାନ କରିଥିଲେ। ତାଙ୍କ ଗ୍ରାମ ପାଣ୍ଡରାସିଙ୍ଗାରେ ଖୁସିର ଲହରୀ ଖେଳିଯାଇଛି । ଅନେକ ବୁଦ୍ଧିଜୀବୀ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଭାପୁର,୨୭।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଭାପୁର ପଞ୍ଚାୟତ କାର୍ଯ୍ୟାଳୟରେ ପବିତ୍ର ଗଣତନ୍ତ୍ର ଦିବସରେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଏକ ପ୍ରତିମୂର୍ତ୍ତି ଲୋକାର୍ପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡା, ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ, ସରପଞ୍ଚ ସୁରେଖା ସାହୁ, ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଖଣ୍ଡପଡା ଏସଡିପିଓ ମଦନ ମୋହନ ପ୍ରଧାନ, ଭାପୁର ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ବେହେରା, ପଞ୍ଚାୟତ ର ଅନେକ ୱାର୍ଡ ସଭ୍ୟ ସଭ୍ୟା ,ମହିଳା ଗୋଷ୍ଠୀର ସଭ୍ୟା ଓ ଜନସାଧାରଣ ଉପସ୍ଥିତ ରହିଥିଲା। ଏହା ସହ ପଞ୍ଚାୟତ ତରଫରୁ ଭାପୁର ପଞ୍ଚାୟତ ଅଧିନରେ ଥିବା ଖଇରଗାଡିଆ, ନିହଲପ୍ରସାଦ, ଏଲପଡା, ଜହରକୋଟ, ଭାପୁର ପ୍ରାଥମିକ ଓ ହାଇସ୍କୁଲକୁ ଆକ୍ୱାଗାର୍ଡ଼ ପ୍ରଦାନ କରାଯାଇଛି।

## ନୟାଗଡ଼ ଜିଲ୍ଲା ଫାର୍ମାସୀ ସଂଘ ବାର୍ଷିକ ବୈଠକ

ନୟାଗଡ଼,୨୭।୧(ସମିସ): ନୟାଗଡ଼ ଜିଲ୍ଲା ଫାର୍ମାସୀ ଅଫିସର ସଂଘ ବାର୍ଷିକ ବୈଠକ ମଗରବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ସଂଘ ସମସ୍ତ ସଦସ୍ୟ ଅଂଶ ଗ୍ରହଣ କରିଥିଲେ। ସଂଘ ପୂର୍ବତନ ସଭାପତି ଓ ସଂପାଦକ ସଭା ପରିଚାଳନା କରି ସର୍ବ ସମ୍ମତି କ୍ରମେ ନୂତନ୍ କର୍ମକର୍ତ୍ତା ଚୟନ କରିଥିଲେ। ସଭାପତି ଭାବେ ମାନସ କୁମାର ସାହୁ, ସଂପାଦକ ଭାବେ କିଶୋର କୁମାର ରାଉତରାୟ, ଉପ ସଭାପତି ଭାବେ ପ୍ରତିଭା ମିଶ୍ର ଓ ସୁଶାନ୍ତ କୁମାର ସିଂ, ସହ ସଂପାଦକ ଭାବେ ସନ୍ଧ୍ୟାରାଣୀ ଦାସ ଓ ଜ୍ଞାନ ରଞ୍ଜନ ବେହେରା, କୋଷାଧକ୍ଷ ଭାବେ ଗୁରୁ ପ୍ରସାଦ ବେହେରା, କାର୍ଯ୍ୟକାରୀ ସଂପାଦକ ଭାବେ କ୍ରିଷ୍ଣା ଚନ୍ଦ୍ର ମହାପାତ୍ର, ଲକ୍ଷ୍ମୀଧର ସାହୁ, ରଞ୍ଜିତ କୁମାର ପରିଡ଼ା, କୁନ୍ଦନ କୁମାର ସାହୁ, ପବିତ୍ର ମୋହନ ପଣ୍ଡା, ଅନ୍ତର୍ଯ୍ୟାମୀ ମହାରଣା, ଦିଲ୍ଲୀପ କୁମାର ସ୍ୱାଇଁଙ୍କୁ ଚୟନ କରାଯାଇଥିଲା । ଉପଦେଷ୍ଟା ଭାବେ ସନ୍ତୋଷ କୁମାର ଚୌଧୁରୀ ଓ ସତ୍ୟବାନ ପୃଷ୍ଟିଙ୍କୁ ଦାୟିତ୍ୱ ଦିଆଯାଇଥିଲା। ନୂତନ ସଭାପତି ତାଙ୍କ ବକ୍ତବ୍ୟରେ ମୁଁ ନୁହେଁ ଆମେକୁ ପ୍ରାଧନ୍ୟ ଦେଇ ସଂଘ ପାଇଁ କାର୍ଯ୍ୟ କରିବାକୁ ନର୍ତନ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ପରିଶେଷରେ ବୈଠକ ଅନୁଷ୍ଠିତ କରିଥିବା ତଥା କୋଷାଧକ୍ଷ ଗୁରୁ ପ୍ରସାଦ ବେହେରା ଧନ୍ୟବାଦ ଦେଇ ସଭା ପରିସମାପ୍ତି କରିଥିଲେ।

## ରୋଗୀ କଲ୍ୟାଣ ସମିତି ବୈଠକ

ଭାପୁର,୨୭।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରୋଗୀ କଲ୍ୟାଣ ସମିତି ବୈଠକ ମଙ୍ଗଳବାର ଦିନ ଆୟୋଜିତ ହୋଇଯାଇଛି। ଡାକ୍ତରଖାନାରେ ମୁଖ୍ୟ ଡାକ୍ତର ବିଶ୍ୱନାଥ ସାହୁଙ୍କ ଆହ୍ୱାନରେ ଆୟୋଜିତ ଏହି ବୈଠକରେ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡା, ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ, ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଫତେଗଡ ଥାନା ଅଧିକାରୀ ଅଜୟ ସାହୁ, ଡାକ୍ତର ପ୍ରଦୀପ କୁମାର ପାଇକରାୟ, ଡାକ୍ତର ଅନ୍ନଦା ପ୍ରସାଦ ତ୍ରିପାଠୀ ଯୋଗ ଦେଇଥିଲେ। ଡାକ୍ତର ଶ୍ରୀ ସାହୁ ପୂର୍ବରୁ ଗ୍ରହଣ କରାଯାଇଥିବା ପ୍ରସ୍ତାବ ଉପରେ ଆଲୋକପାତ କରିଥିଲେ ଓ ଡାକ୍ତରଖାନାର ବିଭିନ୍ନ ପ୍ରସଙ୍ଗ ଉପରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନୂତନ ଭାବେ ନିର୍ମିତ ତିନି ମହଲା ବିଶିଷ୍ଟ ଗୃହକୁ ଆସନ୍ତା ୩ ମାସ ମଧ୍ୟରେ ଲୋକାର୍ପଣ କରାଯିବ। ଡାକ୍ତରଖାନାର ପ୍ରାଚୀନ ନିର୍ମାଣ ଓ ଗେଟ କରାଯିବା ସହ ପରିତ୍ୟକ୍ତ ଅବସ୍ଥାରେ ରହିଥିବା କୋଭିଡ ଗୃହକୁ କାର୍ଯ୍ୟରେ ଲଗାଇବା ପାଇଁ ସ୍ଥିର କରାଯାଇଥିଲା।

## କେସି କ୍ଲବ୍ ଶତବାର୍ଷିକ ଉତ୍ସବ ଉଦ୍‌ଘାଟିତ



ନୟାଗଡ଼,୨୭।୧(ସମିସ): ପାଞ୍ଚଦିନ ବ୍ୟାପି ମହାସମାରୋହରେ ପାଳିତ ହେବାକୁ ଥିବା ଜିଲ୍ଲାର ସର୍ବ ପୁରାତନ କେସି କ୍ଲବର ଶତବାର୍ଷିକ ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କେସି କ୍ଲବର ଗାରିମାମୟ ଇତିହାସର ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା କନ୍ଧମାଳର ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ସମ୍ମାନିତ ଅତିଥି ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ବିଧାୟକ ବାବୁ ସିଂ, ବର୍ଷୀୟାନ ସଭ୍ୟ ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାଧାରଣ ଜନଜୀବନରେ କ୍ଲବର ସଂପୃକ୍ତିର ଅବତାରଣା କରିଥିଲେ। କ୍ଲବର ସଭାପତି ଭାଗିରଥି ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂପାଦକ ସଂଗ୍ରାମ ଗୁମାନ ସିଂ ସଂପାଦକୀୟ ବିବରଣୀ ପାଠ ଏବଂ ଉପସଭାପତି ଭବାନୀ ଦାସ ଧନ୍ୟବାଦ ଦେଇଥିଲେ। କ୍ଲବର ସ୍ମରଣିକା "ଶ୍ରଦ୍ଧା"କୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ସାନ୍ଧ୍ୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କନ୍ଧମାଳ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ, ବିଶିଷ୍ଟ ଅତିଥି ଭାବେ ନୟାଗଡ଼ ରାଜା ସାହେବ ଗଜେନ୍ଦ୍ର ଚନ୍ଦ୍ର ସିଂ ମାନ୍ଧାତା, ରାଜ ପରିବାରର ସଦସ୍ୟ ପୂର୍ଣ୍ଣ ବିଜୟ ସିଂ, ଅରଣ୍ୟରାଜ କିଶୋର ସିଂ ପ୍ରମୁଖ ଯୋଗ ଦେଇ ଥିଲେ । ମଙ୍ଗଳବାର ସନ୍ଧ୍ୟାରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ।

## ତ୍ରିଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ

ଓଡ଼ଗାଁ,୨୭।୧(ସମିସ): ଓଡ଼ଗାଁ ବ୍ଲକ ରାବରା ଗ୍ରାମସ୍ଥିତ ମଧୁକେଶ୍ୱର ମହାଦେବଙ୍କ ପୀଠରେ ୪୫ତମ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ଘୃତଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ତରଫରୁ ଯଜ୍ଞକର୍ତ୍ତା ଭାବେ ସହଧର୍ମିଣୀଙ୍କ ସହ କୃଷ୍ଣଚନ୍ଦ୍ର ମହାପାତ୍ର ନିର୍ବାହ କରିଥିଲେ। ଆଚାର୍ଯ୍ୟ ଭାବେ ଦୁର୍ଗା ମହାପାତ୍ର ଓ ପ୍ରଚାରକ ଭାବେ ମଧୁସୂଦନ ଦାଶଙ୍କ ତତ୍ତ୍ୱାବଧାନରେ ସମସ୍ତ ଯଜ୍ଞ ନୀତି ହୋଇଥିଲା। ସମସ୍ତଙ୍କ ସହଯୋଗ ରେ ଅନୁଷ୍ଠିତ ଯଜ୍ଞ ଅନୁଷ୍ଠାନରେ ସହସ୍ରାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ଯଜ୍ଞର ପୂର୍ଣ୍ଣାହୁତି ପରେ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ସୁବ୍ୟବସ୍ଥା କରାଯାଇଥିଲା। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ବାଦି ପୌରାଣିକ ନାଟକ ଆୟୋଜିତ ହୋଇଥିଲା। ଉପସ୍ଥିତ ଦର୍ଶକ ଓ ଭକ୍ତମାନେ ଏହାକୁ ବହୁମାତ୍ରାରେ ଉପଭୋଗ କରିଥିଲେ। ତ୍ରିଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ମାଧ୍ୟମରେ ଧାର୍ମିକ ଏକତା, ଆଧାତ୍ମିକ ଚେତନା ଓ ସାମାଜିକ ମୂଲ୍ୟବୋଧର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳିଥିଲା।

## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

# ନୟାଗଡ଼ ମାଟି ଯେତିକି ଉର୍ବର, ସେତିକି ଉଦାର




ନୟାଗଡ଼,୨୭।୧(ସମିସ): ନୟାଗଡ଼ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ନୟାଗଡ଼ ପିଟିଏସ୍ ପଡ଼ିଆଠାରେ ପତାକା ଉତ୍ତୋଳନ କରାଯାଇଛି। ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ, ଆରକ୍ଷୀ ଅଧୀକ୍ଷକ ଏସ୍. ସୁଶ୍ରୀ ଉପସ୍ଥିତ ରହିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜ୍ୟୋତ୍ସ୍ନାମୟୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ସମବେତ ଜନତାଙ୍କ ଉଦ୍ଦେଶ୍ୟରେ ତାଙ୍କ ବକ୍ତବ୍ୟରେ, ନୟାଗଡ଼ ମାଟିର କଥା କହିବା ସହ ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମରଣ କରିଥିଲେ। ନୟାଗଡ଼ ମାଟି ଯେତିକି ଉର୍ବର, ସେତିକି ଉଦାର ବୋଲି କହିଥିଲେ। ଏହା ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ନୟାଗଡ଼ ଜିଲ୍ଲା ପାଇଁ କରାଯାଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ କହିଥିଲେ। ମୁଖ୍ୟ ଅତିଥି ପରେଡ୍ ପରିଦର୍ଶନ କରିଥିଲେ। ଏହାପରେ ପରେଡରେ ଭାଗ ନେଇଥିବା ୫୦ ଗୋଟି ଦଳ ପ୍ୟାରେଡ୍ କରିବା ସଙ୍ଗେ ସଙ୍ଗେ ୭ ଗୋଟି ପ୍ରଜ୍ଞାପନ ରଥ ଯଥା ସମଗ୍ର ଶିକ୍ଷା ଅଭିଯାନ, ସଡ଼କ ସୁରକ୍ଷା ରଥ, ଶିଶୁ ସୁରକ୍ଷା ରଥ, କୃଷି ଓ କୃଷକ ସଶକ୍ତ କରଣ ରଥ, ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମ ନିଯୁକ୍ତି ତାଲିମ ରଥ, ବନ୍ୟ ଜନ୍ତୁ ସୁରକ୍ଷା ରଥ, ସ୍ୱାସ୍ଥ୍ୟ ରଥ ପ୍ରମୁଖ ମୁଖ୍ୟ ଅତିଥିଙ୍କୁ ଅଭିବାଦନ ପ୍ରଦାନ କରିଥିଲେ । ଜିଲ୍ଲାର ବିଭିନ୍ନ ସ୍କୁଲ ଓ କଲେଜସ୍ତର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମକରେ ଅନୁଷ୍ଠିତ ହୋଇଥିଲା। ପୁଲିସ ବିଭାଗର ୮ ଜଣ ଦକ୍ଷ ଅଧିକାରୀଙ୍କୁ ଯଥା ଡିଏସ୍‌ପି ନିହାର ରଞ୍ଜନ ମହାନ୍ତି , ଆଇଆଇସି ଅଭୟ ବେହେରା, ଏସଆଇ ବୀରେନ୍ଦ୍ର କୁମାର ଦେହୁରୀ, ଏଏସଆଇ ଡି. ରବିନ, ହାବିଲଦାର ବିଭୂତି ଭୂଷଣ ମହାରଣା, କନଷ୍ଟେବଳ ଲକ୍ଷ୍ମୀକାନ୍ତ ବରାଡ଼, ଆରଆଇ ବିଂଚି ନାରାୟଣ ସାହୁ, ଏସ୍ଆଇ ଗୋପାଳ ଚନ୍ଦ୍ର ପ୍ରଧାନ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଜିଲ୍ଲା କାରାଗାର ଅନ୍ତେବାସୀଙ୍କୁ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରା ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଟାରୀ କ୍ଲବ ଓ ବ୍ଲଡ୍ ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଉଦ୍ଘାଟନ କରିଥିଲେ। ଏକ ବନ୍ଧୁତ୍ୱପୂର୍ଣ କ୍ରିକେଟ ମ୍ୟାଚ ଜିଲ୍ଲା ପ୍ରଶାସନ, ପୁଲିସ ବାହିନୀ , ଆଇନଜୀବୀ ଓ ସାମ୍ବାଦିକଙ୍କୁ ନେଇ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳପଡିଆଠାରେ ଅନୁଷ୍ଠିତ ହୋଇଥିଲା । ପୁଲିସ ବାହିନୀ ଚାମ୍ପିୟନ ହୋଇଥିଲେ ।

# ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ



ନୟାଗଡ଼,୨୭।୧(ସମିସ): ନୟାଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ନୟାଗଡ଼ ସାମ୍ବାଦିକ ଭବନରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସାମ୍ବାଦିକ ଭବନ ସଭାପତି ବୈଦ୍ୟଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହା ସହିତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ପତାକା ଉତ୍ତୋଳନ କରାଯାଇଛି।

**ଗଣିଆ:** ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେ ୭୭ ତମ ସାଧାରଣତନ୍ତ୍ର ଦିବସ ଧୁମଧାମରେ ପାଳିତ ହୋଇଯାଇଛି । ତହସିଲ କାର୍ଯ୍ୟାଳୟ, ପଞ୍ଚାୟତ ସମିତି, ଗଣିଆ ଥାନା, ଶିଶୁ ରାଇଜ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ମହାନଦୀ ପବ୍ଲିକ ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର, ବଣିକ ସଂଘ ଓ ମୋଟର କର୍ମଚାରୀ ସଂଘ, ଦଧିବାମନ ଜୀଉ ଉଚ୍ଚ ବିଦ୍ୟାଳୟରେ ବେଲପଡା ପଞ୍ଚାୟତ ସ୍ତରୀୟ ଉତ୍ସବ, ରାମଚନ୍ଦ୍ର ପ୍ରାଣବନ୍ଧୁ ଉଚ୍ଚ ବିଦ୍ୟାଳୟ,କିଶୋର ପ୍ରସାଦ ପଞ୍ଚାୟତ ସ୍ତରୀୟ ସ୍ୱାଧୀନତା ଦିବସ ଧୁମ୍ ଧାମରେ ପାଳିତ ହୋଇଯାଇଛ । ପିଏମଶ୍ରୀ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ଆୟୋଜିତ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବିଡିଓ ରତନଲାଲ ଲୋହରା, ବିଆରସିସି ବିନୋଦିନୀ ପଣ୍ଡା, ରେଞ୍ଜର ସବନମ ସାହୁ, ଦମକଳ ଅଧିକାରୀ ବିଜୟାନନ୍ଦ ପରିଡା, ପ୍ରଧାନଶିକ୍ଷୟତ୍ରୀ ନିହାର ବାଳା ରାଉତ, ସରପଞ୍ଚ ଗିରିଧାରୀ ସେଠୀ, ସମିତି ସଭ୍ୟ ଫକୀର ମୋହନ ଡାକୁଆ, ସାମାଜିକ ସୁରକ୍ଷା ଅଧିକାରୀ ପ୍ରଣୟ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ପ୍ୟାରେଡ ଅଭିବାଦନ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୫ରୁ ଅଧିକ ପ୍ୟାରେଡ ଗ୍ରୁପ ଅଂଶ ଗ୍ରହଣ କରିଥିଲେ ।

**ଭାପୁର:** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅଞ୍ଚଳରେ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସମସ୍ତ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଜାତୀୟ ପତାକା ଉତ୍ତୋଳନ କରି ଦେଶପ୍ରେମ ସଙ୍ଗୀତ ଗାନ କରି ଗାଁ ଗାଁ ବୁଲି ଜନସାଧାରଣଙ୍କ ମଧ୍ୟରେ ଦେଶପ୍ରେମୀ ଜାଗରଣ କରିଥିଲେ। ଭାପୁର ବ୍ଲକରେ ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ତହସିଲ କାର୍ଯ୍ୟାଳୟରେ ତହସିଲଦାର ଲୋପାମୁଦ୍ରା ରଥ, ଫତେଗଡ ଥାନାରେ ଥାନା ଅଧିକାରୀ ଅଜୟ ସାହୁ, ଭାପୁର ଫାଣ୍ଡିରେ ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ବେହେରା, ଭାପୁର ବିଜୁ ଜନତା ଦଳ କାର୍ଯ୍ୟାଳୟରେ ବ୍ଲକ ସଭାପତି ଶିବପ୍ରସାଦ ଷଡଙ୍ଗୀ ଓ କାର୍ଯ୍ୟକାରୀ ସଭାପତି ବେଣୁଧର ପ୍ରଧାନ, ଭାପୁର ବଜାରରେ ବଜାର କମିଟି ସଭାପତି କାର୍ତ୍ତିକ ଚନ୍ଦ୍ର ନାୟକ, କ୍ରିୟାନୁଷ୍ଠାନ କମିଟିର ସମ୍ପାଦକ ପ୍ରଭାକର ସାହୁ, ବରିଷ୍ଠ ନାଗରିକ ସମ୍ବଘ କାର୍ଯ୍ୟାଳୟରେ ସମ୍ବଘ ସଭାପତି ଲକ୍ଷ୍ମୀଧର ସାମନ୍ତରାୟ, ସମସ୍ତ ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ ଓ କ୍ଲବ, ଯୁବକ ସମ୍ବଘରେ ଜାତୀୟ ପତାକା ଉତ୍ତୋଳନ କରାଯାଇଛି।

**ଶରଣକୁଳ :** ଶରଣକୁଳ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ଓ ବିଦ୍ୟାଳୟ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଶରଣକୁଳ ଆଞ୍ଚଳିକ ସାମ୍ବାଦିକ ସଙ୍ଘ ପକ୍ଷରୁ ଲଡୁବାବାଙ୍କ ମନ୍ଦିର ସମ୍ମୁଖରେ ସାଧାରଣତନ୍ତ୍ର ଦିବସ ପାଳିତ ଉତ୍ସବରେ ସମାଜସେବୀ ସୁଶାନ୍ତ କୁମାର ମହାପାତ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସେହିପରି ଶରଣକୁଳ ମହାବିଦ୍ୟାଳୟରେ ଅଧ୍ୟାପକ ବସନ୍ତ କୁମାର ରଥ, ବଜରଙ୍ଗୀ ଅଟୋ ଷ୍ଟାଣ୍ଡରେ ଶିକ୍ଷାବିତ ନୀଳମାଧବ ତ୍ରିପାଠୀ, ବଣିକ ସଂଘଠାରେ ବରିଷ୍ଠ ସାମ୍ବାଦିକ ବିପିନ ତ୍ରିପାଠୀ, କେଏସ ବି ପବ୍ଲିକ ସ୍କୁଲ ଭିକକ୍ଷରିପଡାରେ କ୍ରୀଡାବିତ ମନୋରଞ୍ଜନ ଦାଶ ପଥୁରିଆସାହି ଦାମୋଦର ଶିଶୁରାଇଜ ଓ ଜନକଲ୍ୟାଣ ସମିତି ସୁଆରସାହିରେ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ପ୍ରାତଃ ସମୟରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ହାତରେ ଜାତୀୟ ପତାକା ଧରି ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ ।

**ଓଡ଼ଗାଁ:** ଓଡ଼ଗାଁ ବ୍ଲକ୍‌ସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସ ମିନିଷ୍ଟାଡିୟମରେ ପାଳିତ ହୋଇଯାଇଛି। ଓଡ଼ଗାଁ ବିଡିଓ ପ୍ରିତିବାଳା ରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହିତ ମିଳିତ ପ୍ୟାରେଡରେ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ମିଳିତ ଭାବେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଅତିରିକ୍ତ ତହସିଲଦାର ଜି. ଶ୍ରୀନୁ, ଏନଏସି ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା, ଓଡ଼ଗାଁ ଥାନାର ଆଇଆଇସି ସତ୍ୟନାରାୟଣ ବାରିକ, ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହା ସହିତ ଓଡ଼ଗାଁ ବ୍ଲକ୍ କାର୍ଯ୍ୟାଳୟରେ ବିଡିଓ, ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟାଳୟେର ତହସିଲଦାର, ଏନଏସି କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ, ଓଡ଼ଗାଁ ଥାନାରେ ଆଇଆଇସି, ବନାଞ୍ଚଳ କାର୍ଯ୍ୟାଳୟରେ ବନାଞ୍ଚଳ ଅଧିକାରୀ, ଓଡ଼ଗାଁ କଲେଜରେ ରାଜକିଶୋର ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ନିଲାଞ୍ଜନ ଦାସ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜକିଶୋର ସାହୁ ପତାକା ଉତ୍ତୋଳନ କରିଥିଲେ। ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ମଧ୍ୟ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପତାକା ଉତ୍ତୋଳନ ହୋଇଥିଲା।

**ଖଣ୍ଡପଡ଼ା:** ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ତଥା ବେସରକାରୀ ଅନୁଷ୍ଠାନରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସହରାଞ୍ଚଳ ଅନ୍ତର୍ଗତ ଏନଏସି କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରିଥିବା ବେଳେ ତହସିଲ, ଥାନା, ଖଣ୍ଡପଡ଼ା ସାମ୍ବାଦିକ ସଂଘ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଧ୍ୟ ସାଧାରଣତନ୍ତ୍ର ଦିବସ ଅନୁଷ୍ଠିତ ହୋଇଯାଇଛି। ସହରାଞ୍ଚଳ ଅଧୀନ ମଧୁବନ କ୍ରିଡାଙ୍ଗନରେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ବିଭିନ୍ନ ପ୍ରତିଯୋଗିତା ଏବଂ ପ୍ୟାରେଡରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ସେହିପରି ବ୍ଲକ ପରିସରରେ ବିଡିଓ ଅଙ୍କୁର ଅଭିଳାଷ, ଅଧ୍ୟକ୍ଷା ଉପମା ବେହେରା ବ୍ଲକ କର୍ମଚାରୀଙ୍କ ଗହଣରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟପକ୍ଷରେ ବ୍ଲକ ଅନ୍ତର୍ଗତ ସମସ୍ତ ୨୨ ଗୋଟି ପଞ୍ଚାୟତ କାର୍ଯ୍ୟାଳୟରେ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟଙ୍କ ଉପସ୍ଥିତିରେ ଗଣତନ୍ତ୍ର ଦିବସ ପାଳିତ ହୋଇଥିବା ସୂଚନା ରହିଛି।

**ଦଶପଲ୍ଲା:** ଦଶପଲ୍ଲା ଗାନ୍ଧୀ ମୈଦାନରେ ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଏହି ଭବ୍ୟ ସମାରୋହରେ ଜାତୀୟ ପତାକା ଉତ୍ତୋଳନ ସହିତ ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ କ୍ଷ ଶ୍ରୀ ପାଣିଗ୍ରାହୀଙ୍କ ସମେତ ଏନଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, କାର୍ଯ୍ୟନିବାହୀ ଅଧିକାରୀ ଅବିନାଶ ମହାନ୍ତି ଓ ନୟାଗଡ଼ ଜିଲ୍ଲା ଏସଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ ଓ ପରିଷଦ ବର୍ଗ ମଞ୍ଚାସୀନ ଅତିଥି ଭାବରେ ଉତ୍ସବକୁ ଗୌରବାନ୍ୱିତ କରିଥିଲେ।

# ଟ୍ରକ୍‌କୁ ପିଟିଲା ଟ୍ରାଭେଲର; ଜଣେ ମୃତ, ୨୩ ଆହତ

ଖୋର୍ଦ୍ଧା,୨୭।୧(ସମିସ)

ମଙ୍ଗଳବାର ସନ୍ଧ୍ୟାରେ ୧୬ନଂ ଜାତୀୟ ରାଜପଥର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ନିକଟରେ ଘଟିଛି ମର୍ମନ୍ତୁଦ ସଡକ ଦୁର୍ଘଟଣା। ରାସ୍ତା ପାର୍ଶ୍ୱରେ ଥିଆ ହୋଇଥିବା ଏକ ଟ୍ରକ୍‌କୁ ଦ୍ରୁତ ଗତିରେ ଆସୁଥିବା ଏକ ଟେମ୍ପୁ (ଟ୍ରାଭେଲର ଗାଡି) ପଛରୁ ଧକ୍କା ଦେଇଛି। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଛି। ଟେମ୍ପୁରେ ଥିବା ଚାଳକ ସମେତ ୨୩ରୁ ଉର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ଗାଡି ଚାଳକ ପୁରୀ ଜିଲ୍ଲା ଗଡିଶାଗଡା ଅଞ୍ଚଳର ବାସୁଦେବ ଦାସ (୩୯), କମ୍ପାନୀ କର୍ମଚାରୀ ଭୁବନେଶ୍ୱର ର ଆବୁଲ ଚୌଧୁରୀ (୪୩), ମୁକେଶ ଶର୍ମା (୪୫), ତପସ୍ୱିନୀ (୨୫), ନିବେଦିତା (୨୬), ପ୍ରବାଣା, ନିଖିଲ, ଜଗନ୍ନାଥ ରାଓ, ପ୍ରେମାଶିଶ, ବିଜୟ, ଖୋର୍ଦ୍ଧା ର ସେକ୍ ସାହାବୁଦ୍ଦିନ୍ (୩୧), ଭବାନୀ ଶଙ୍କର ଭୋଳ (୩୧), ଅବିନାଶ ପଣ୍ଡା (୩୩), ସାହାଜାଦ୍ ରାଜ, ଅନୁରାଗ, ନିରଜ ପଣ୍ଡା, ସଞ୍ଜୟ ପୁହିର, ମୁକେଶ ଶର୍ମା, ଅଶୋକ ସାହୁ, ଭବାନୀ, ରଞ୍ଜିତ ପଣ୍ଡା, ସୌମ୍ୟିକ ଗୋସ୍ୱାମୀ, ମଦନ, ପବନ ଙ୍କ, ପ୍ରଦୀପ ଜେନା ପ୍ରମୁଖ ୨୩ରୁ ଉର୍ଦ୍ଧ୍ୱ। ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀ ଓ ପୁଲିସ ପହଁଚି ଗୁରୁତର ଆହତଙ୍କୁ ମେଡିକାଲ ପଠାଇଛି।

ସୂଚନା ଅନୁସାରେ, ଆଇ.ଡି.ଭି.ବି. ରିସାଇକେଲିଂ ପ୍ରାଇଭେଟ ଲିମିଟେଡ କମ୍ପାନୀର ୨୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଆଜି କାମ ସରିବା ପରେ ଗୋପିନାଥ ବିଜୟ ଓଡି.୦୨ଡିଜି-୧୫୬୫ ନଂ ବିଶିଷ୍ଟ ଏକ ଟ୍ରାଭେଲରରେ ଭୁବନେଶ୍ୱର ଅଭିମୁଖେ



**ସମସ୍ତ ଗୁରୁତର ଭୁବନେଶ୍ୱର ସ୍ଥାନାନ୍ତର**

ସନ୍ଧ୍ୟାରେ ଫେରୁଥିଲେ। ଗାଡି ରେ ୩ଜଣ ମହିଳା କର୍ମଚାରୀ ଏବଂ ଚାଳକ କୁ ମିଶାଇ ୨୧ରୁ ଉର୍ଦ୍ଧ୍ୱ ପୁରୁଷ ରହିଥିଲେ। ସନ୍ଧ୍ୟା ପ୍ରାୟ ସାଢେ ୭ଟା ସମୟରେ ଗାଡିଟି ଦ୍ରୁତଗତିରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ଘରେଇ ନିକଟ ରାସ୍ତାପାର୍ଶ୍ୱରେ ଥିଆ ହୋଇଥିବା ଓଆର-୧୬-ଡି-୦୭୩୭ ନଂ ବିଶିଷ୍ଟ ଟ୍ରକ୍‌କୁ ପଛରୁ ଜୋର୍ ଧକ୍କା ଦେଇଥିଲା। ଫଳରେ ଟେମ୍ପୁର ସମ୍ମୁଖ ଭାଗ ଭାଙ୍ଗିରୁଜି ନଷ୍ଟ ହୋଇଥିବାବେଳେ ଚାଳକ ପାଖ ସିଟ୍‌ରେ ବସିଥିବା ଜଣଙ୍କର ମୃତ୍ୟୁ ହୋଇଛି। ଗାଡିରେ ରହିଥିବା କିଛି ଲୋକଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରିବା ସହ ପୁଲିସ ଓ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଁଚି ଗାଡିର ସମ୍ମୁଖ ଭାଗକୁ କାଟି ଚାଳକ ଓ ୧୧ରୁ ଉର୍ଦ୍ଧ୍ୱ ଗୁରୁତରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତ ଗୁରୁତରଙ୍କୁ ଡାକ୍ତର ଭୁବନେଶ୍ୱର ସ୍ଥାନାନ୍ତର କରିଛନ୍ତି। ରିପୋର୍ଟ ଲେଖାହେବା ଯାଏଁ ମୃତକଙ୍କ ପରିଚୟ ମିଳିନଥିବା ଜଣାଯାଇଛି।

## ବୋଲେରୋ ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ବେଗୁନିଆ, ୨୭।୧ (ସମିସ): ବେଗୁନିଆ ବ୍ଲକ ଚଣ୍ଡୀଆପାଲ୍ଲା- ଶରଧାପୁର ରାସ୍ତାରେ ଏକ ବୋଲେରୋ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ବାଇକ ଚାଳକ ଘଟଣାସ୍ଥଳରେ ମୃତ୍ୟୁବରଣ କରିଛନ୍ତି। ବେଗୁନିଆ ତଳସାହିର ସୁଶାନ୍ତ କୁମାର ଦାସ ଓ ସରୋଜ କୁମାର ପାତ୍ର ଦୁହେଁ ଏକ ବାଇକ ଯୋଗେ ଘରକୁ ଫେରୁଥିବାବେଳେ ବୁଲାଣି ରାସ୍ତାରେ ବୋଲେରୋ ସହିତ ବାଇକର ମୁହାଁ ମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ସୁଶାନ୍ତ କୁମାର ଦାସ ମୃତ୍ୟୁବରଣ କରିଥିବାବେଳେ ସରୋଜ ଆହତ ହୋଇଥିଲେ। ବାଘମାରୀ ଥାନା ଅଧିକାରୀଣି ସୁଚିତ୍ରା ଜେନାଙ୍କ ନିର୍ଦ୍ଦେଶରେ ଉପନିରୀକ୍ଷକ ପୁଷ୍ପଲତା ଲେଙ୍କା ଘଟଣାସ୍ଥଳରେ ପହଁଚି ଗାଡି ଦୁଇଟି ଜବତ କରି ଆହତଙ୍କୁ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ସୁଶାନ୍ତଙ୍କୁ ମୃତ ଘୋଷଣା କରିବା ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

## ବାଲ୍ୟବିବାହମୁକ୍ତ ଭାରତ ସଚେତନତା




ବାଣପୁର,୨୭ ।୧(ସମିସ) : ଜାତୀୟ ଆଇନ ସେବା ପ୍ରାଧିକରଣ 'ଆଶା' ଯୋଜନା ଅନୁଯାୟୀ ରାଜ୍ୟ ଆଇନସେବା ପ୍ରାଧିକରଣର ନିର୍ଦ୍ଦେଶ କ୍ରମେ ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ 'ବାଲ୍ୟ ବିବାହମୁକ୍ତ ଭାରତ' ଉଦ୍ଦେଶ୍ୟରେ ଏକ ସାଇକଲ ଶୋଭାଯାତ୍ରା ବାଣପୁର କୋର୍ଟ ପରିସରରୁ ବାହାରି ମା' ଭଗବତୀ ମନ୍ଦିର ଦେଇ ସହର ପରିକ୍ରମା କରି ଲୋକଙ୍କୁ ସଚେତନତାର ବାର୍ତ୍ତା ବାଣ୍ଟି ଥିଲେ। ଉକ୍ତ ସଚେତନତା ଶୋଭାଯାତ୍ରାରେ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବାଣପୁର କୋର୍ଟ ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର, ବାଣପୁର ଥାନାଧିକାରୀ ରମେଶ ଦେବତାଙ୍କ ସମେତ ସମସ୍ତ ଆଇନଜୀବୀ, ପାରା ଲିଗାଲ ସ୍ୱେଚ୍ଛାସେବୀ, କୋର୍ଟ କର୍ମଚାରୀ, ପୋଲିସ କର୍ମଚାରୀ ଏବଂ ସାମ୍ବାଦିକମାନେ ସାମିଲ ହୋଇ ବାଲ୍ୟ ବିବାହ ନିଷେଧ ଅଧିନିୟମ, କନ୍ୟା ଭ୍ରୁଣ ହତ୍ୟା ଏବଂ ଲିଙ୍ଗ ନିରୂପଣ ନିଷେଧ ଅଧିନିୟମ ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ସଚେତନ କରାଇଥିଲେ।

## ହାତୀ ଆକ୍ରମଣରେ ଜଣେ ଆହତ

ବେଗୁନିଆ, ୨୭।୧(ସମିସ): ବେଗୁନିଆ ବ୍ଲକରେ ବଣୁଆ ହାତୀ ମାନଙ୍କୁ ଘଉଡାଇବାରେ ବନ ବିଭାଗ କର୍ମଚାରୀ ଅସଫଳ ହେଉଛନ୍ତି । ଯାହା କି ହାତୀଙ୍କ ଗତି ବିଧି ଲକ୍ଷ୍ୟ କରିବା ଛଡ଼ା କୌଣସି ପଦକ୍ଷେପ ନିଆ ନ ଯାଇ କେବଳ ଡ୍ରୋନ ଉଡାଇ ସେମାନଙ୍କର କାମ ଶେଷ କରିଦେଉଛନ୍ତି। ଏପରିକି ଲୋକମାନେ ଅସୁବିଧାରେ ପଡି କର୍ମଚାରୀ ମାନଙ୍କୁ ଫୋନ କଲେ ମଧ୍ୟ ସେମାନେ ଫୋନ କଲ ଗ୍ରହଣ କରୁନାହାନ୍ତି। ଗତକାଲି ସନ୍ଧ୍ୟାରେ ବେଗୁନିଆ ବ୍ଲକ ଶଗଡ଼ଭଙ୍ଗା ପଞ୍ଚାୟତ ଅନ୍ତର୍ଗତ ଗୋଡ଼ିକିଲୋ ଗ୍ରାମର ମନୋଜ ନାୟକ (୨୨)ଶୌଚ ହୋଇ ଘରକୁ ଫେରୁଥିବାବେଳେ ଏକ ଦନ୍ତା ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡି ଦେଇ ଥିବାରୁ ଗୁରୁତର ଭାବେ ଆହତ ହୋଇ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

## ଦ୍ୱିତୀୟ ୟଙ୍ଗଷ୍ଟାର କ୍ରିକେଟ; ଏମ୍‌ବିସିସି ମଳିପଡା ଚାମ୍ପିଅନ

ନିରାକାରପୁର,୨୭।୧ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ୟଙ୍ଗଷ୍ଟାର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଦ୍ୱିତୀୟ ୟଙ୍ଗଷ୍ଟାର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଏମବିସିସି ମଳିପଡା ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚରେ ଏମଏସସିସି ବିରତୋଇ ବନାମ ଏମବିସିସି ମଳିପଡ଼ା ମଧରେ ହେଇଥିଲା। ପ୍ରଥମେ ବ୍ୟାଟିଂ କରି ମଳିପଡ଼ା ଦଳ ୧୫ ଓଭର ୬ ୱିକେଟ ବିନିମୟରେ ୨୦୧ କରିଥିଲା। ଜବାବରେ ଏମଏସସିସି ବିରତୋଇ ଟିମ୍ ୧୭୧ ରନ କରି ପରାସ୍ତ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ବିଜେତା ଦଳର ଶିବୁ, ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ପର୍ଣ୍ଣିମା ହୋଇଥିଲେ। ମ୍ୟାଚକୁ ପ୍ରବୀଣ ରାଉତରାୟ ଓ ମନୋଜ ନାୟକ ପରିଚନା କରିଥିଲେ। ଅତିଥି ଭାବେ ସୁଶାନ୍ତ ସେନାପତି, ରାକେଶ ପ୍ରଧାନ, ଅନିଲ ସେନାପତି, ଅମେରେନ୍ଦ୍ର ବାରିକ, ମନୋରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ରାଜ୍ୟସ୍ତରୀୟ ଅଲମ୍ପିଆଡ ପରୀକ୍ଷା

ନିରାକାରପୁର, ୨୭।୧ (ସମିସ): ଖୋର୍ଦ୍ଧା ଜିଲ୍ଲା ହଜସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଭାରତୀୟ ଶିକ୍ଷା ପରିଷଦ, ଓଡିଶା, ଭୁବନେଶ୍ୱର ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଅଲମ୍ପିଆଡ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷା ଦିନ ୧୧ଟାରୁ ୧ଘଟିକା ପର୍ଯ୍ୟନ୍ତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ସୁଲୋଚନା ଭଞ୍ଜଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ପରୀକ୍ଷା ନିରୀକ୍ଷକ ଭାବେ ଆଚାର୍ଯ୍ୟ ମାନସ ଦାସ, ବିଶ୍ୱନାଥ ମହାପାତ୍ର, ଆଚାର୍ଯ୍ୟା ସାବିତ୍ରୀ ବରାଳ ଦାୟିତ୍ୱ ତୁଲାଇଥିଲେ। ସାନପଦର ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଆଚାର୍ଯ୍ୟ ଶୁଭ୍ରାଂଶୁ ପାଟଯୋଶୀ ପର୍ଯ୍ୟବେକ୍ଷକ ଥିଲେ। ବିଦ୍ୟାଳୟର ୨୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ।

## ଶିବ ଜୟନ୍ତୀ ପାଳନ

ଭୁଷଣ୍ଡପୁର, ୨୭।୧(ସମିସ): ଟାଙ୍ଗୀ ବ୍ଲକ ବାଲିପାଟପୁର ପଂଚାୟତ ଚନ୍ଦନ ସାହିଠାରେ ପ୍ରତିଷ୍ଠିତ ଓମ ଶାନ୍ତି କେନ୍ଦ୍ର ତରଫରୁ ଆଜି ଶିବ ଜୟନ୍ତୀ ପାଳିତ ହୋଇଛି। ପବିତ୍ର ମାଘ ମାସ ଶୁକ୍ଳ ପକ୍ଷରୁ ସପ୍ତମୀ ତିଥିରେ କେନ୍ଦ୍ରର ସମସ୍ତ ବ୍ରହ୍ମ କୁମାରୀ ଭଉଣୀମାନେ ସର୍ବ ପ୍ରଥମେ ଶିବ ପ୍ରାର୍ଥନା, ଅନୁଚିନ୍ତା ସହିତ ସଭା କାର୍ଯ୍ୟ ପରେ ପତାକା ଉତ୍ତୋଳନ କରାଯାଇଥିଲା। କେନ୍ଦ୍ରର ପରିଚାଳିକା ବ୍ରହ୍ମ କୁମାରୀ ଗୀତା ଦିଦିଙ୍କ ପୌରହିତରେ ଆୟୋଜିତ ସଭାରେ ଗୋଲକ ବିହାରୀ ପଟ୍ଟନାୟକ, ବିରଞ୍ଚି ନାରାୟଣ ପ୍ରଧାନ, ବି କେ ସୁଭାଶିଷ ଏବଂ ବି କେ ଖୁସୁବ ଅଂଶ ଗ୍ରହଣ କରିଥିଲେ।

## ଶ୍ମଶାନ ଜମିରୁ ଉଚ୍ଛେଦ ପାଇଁ ଗ୍ରାମବାସୀଙ୍କ ରାସ୍ତାରୋକ



ଜଟଣୀ,୨୭।୧(ସମିସ): ଗ୍ୟାରେଜ ମାଲିକଙ୍କ ଦ୍ୱାରା ଜବରଦଖଲ ହୋଇଥିବା ଶ୍ମଶାନକୁ ଅଳ୍ପ ଦିନ ପୂର୍ବରୁ ତହସିଲ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ପରେ ଗ୍ୟାରେଜ ମାଲିକ ସେହି ଜମିକୁ ପୁଣି ଥରେ ଅକ୍ତିଆର କରିବାକୁ ଉଦ୍ୟମ କରିଥିଲେ। ଯାହାକୁ ନେଇ ଆଜି ଜଟଣୀ ତହସିଲ ଅଧୀନ ବୋତଣ୍ଡା-ବଳଭଦ୍ରପୁର ଗ୍ରାମବାସୀ ଜଟଣୀ କପିଳ ପ୍ରସାଦ ରାସ୍ତା ଅବରୋଧ କରିଥିଲେ। ବଳଭଦ୍ରପୁର ମୌଜାର ଖାତା ନମ୍ବର:-୨୪୦ ଏବଂ ପ୍ଲଟ ନଂ:- ୦୩ କିସମ:- ଶ୍ମଶାନ ଜମିକୁ ମଦିନା ମୋଟର୍ସ ନାମକ ଏକ ଗ୍ୟାରେଜ ଦ୍ୱାରା ଜବରଦଖଲ କରାଯାଇଥିଲା। ଗ୍ୟାରେଜ ମାଲିକ ଏହି ଜମିକୁ ଦଖଲରେ ରଖିବା ସହ ଆହୁରି ୪ରୁ ଅଧିକ ଦୋକାନ ଘର କରି ଭଡାରେ ଲଗାଇଥିଲେ। ବୋତଣ୍ଡା ବଳଭଦ୍ରପୁର ହରିଜନ ସାହିର ଲୋକମାନେ ବହୁ ବର୍ଷ ହେଲାଣି ଏହି ଶ୍ମଶାନ ଜମିରେ ଶବ ସଂସ୍କାର କରିବା ପାଇଁ ଚେଷ୍ଟା କରିବା ପରେ ମଧ ବିଫଳ ହେଉଥିଲେ। ଏହି ଶ୍ମଶାନ ଜମି ଛାଡି ଦେବା ପାଇଁ ଗ୍ୟାରେଜ ମାଲିକଙ୍କୁ ଗ୍ରାମବାସୀ ମାନେ ବାରମ୍ବାର କହିବା ସତ୍ୱେ ମଧ ସେ କୌଣସି ଭ୍ରୁକ୍ଷେପ କରୁ ନଥିଲେ। ଯାହାକୁ ନେଇ ଅଭିଯୋଗ ହେବାରୁ ଜଟଣୀ ତହସିଲଦାର ଶିବାଶିଷ ପରିଡା ଓ ପଧାନସାହି ରାଜସ୍ୱ ନିରୀକ୍ଷକ ତୃପ୍ତି ପାଟଶାଣି ଗତ ନଭେମ୍ବର ୨୦୨୫ ରେ ଏହି ଶ୍ମଶାନ ଜମି ଉପରୁ ଜବର ଦଖଲ ଉଚ୍ଛେଦ କରାଇଥିଲେ। କିନ୍ତୁ ଗ୍ୟାରେଜ ମାଲିକ ପୁଣି ଥରେ ସେହି ଶ୍ମଶାନକୁ ମାଡି ବସିଥିଲେ। ଯାହାକୁ ନେଇ ଗ୍ରାମବାସୀ ଆଜି ଜଟଣୀ-କପିଳପ୍ରସାଦ ମୁଖ୍ୟ ରାସ୍ତାକୁ ଅବରୋଧ କରିବା ସହ ଘଟଣା ସ୍ଥଳରେ ପ୍ରବଳ ଉତ୍ତେଜନା ଦେଖା ଯାଇଥିଲା। ଦୀର୍ଘ ଏକ ଘଣ୍ଟା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଗାଡି ଅଟକି ରହିଥିଲା। ଘଟଣା ସ୍ଥଳରେ ଜଟଣୀ ତହସିଲଦାର, ରାଜସ୍ୱ ନିରୀକ୍ଷକ, ଏୟାରଫିଲଡ ପୁଲିସ, ଜୋନ-୨ ଏସିପି, ବିଡ଼ିଓଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ମାନେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ପୂର୍ବରୁ ଉଚ୍ଛେଦ ହୋଇଥିବା ଏହି ଶ୍ମଶାନ ଜମିରୁ ତୁରନ୍ତ ଜବରଦଖଲ ହଟାଯିବା ସହ ଜବରଦଖଲକାରୀଙ୍କ ଉପରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ପ୍ରତିଶୃତି ଦେଇଛନ୍ତି।

## ବୋଲଗଡ଼ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସରେ ବିଡିଓଙ୍କ ଅସହଯୋଗ ଅଭିଯୋଗ

ଖୋର୍ଦ୍ଧା, ୨୭।୧(ସମିସ): ବୋଲଗଡ଼ ସରକାରୀ ବାମନ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଥିବା ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମର ସାହୁ ମୁଖ୍ୟଅତିଥି ରୂପେ ଯୋଗଦେଇ ଜାତୀୟପତାକା ଉତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଡ଼ିଓ ସୁମନସୁଦ୍ଧା କୁଣ୍ଡୁ ତଥା ବ୍ଲକ ପ୍ରଶାସନ ର ଅସହଯୋଗ ଏବଂ ବିଡ଼ିଓଙ୍କ ଅନୁପସ୍ଥିତିକୁ ନେଇ ଆଲୋଡନ ସୃଷ୍ଟି ହୋଇଛି। ବ୍ଲକ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କାର୍ଯ୍ୟକ୍ରମରେ ବିଡ଼ିଓ ଏବଂ ବ୍ଲକ କାର୍ଯ୍ୟାଳୟ ର କୌଣସି ଅଧିକାରୀ ଉପସ୍ଥିତ ରହିନଥିବାରୁ ବିଧାୟକ ଶ୍ରୀ ସାହୁ କ୍ଷୋଭ ପ୍ରକାଶ କରିବା ସହିତ ବିଡ଼ିଓଙ୍କ ଅନୁପସ୍ଥିତି ଏବଂ ଅସହଯୋଗ ବୋଲି ତାଙ୍କ ଅଭିଭାଷଣ ରେ କହିବା ସହିତ ନିନ୍ଦା କରିଥିଲେ।

ବିଡ଼ିଓଙ୍କ ଅନୁପସ୍ଥିତ ଓ ଅସହଯୋଗ କାରଣରୁ ବ୍ଲକ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଛାତ୍ର ଛାତ୍ରୀ ମାନେ ଆସି ମିଳିତ ପରେଡରେ ଯୋଗ ଦେବାର ପରାମ୍ପରା ବ୍ୟାହତ ହୋଇଛି । ବିଡ଼ିଓ ତଥା ବ୍ଲକ ପ୍ରଶାସନ ପକ୍ଷରୁ ଏଭଳି ଅସହଯୋଗ କାର୍ଯ୍ୟ ହେଉଥିବାକୁ ନେଇ ବୋଲଗଡ଼ ରେ ବୁଧବାର ବୋଲଗଡ଼ ବଜାର ବନ୍ଦ କରାଯାଇ ବିଡ଼ିଓଙ୍କ ବିରୋଧରେ ଏକ ପ୍ରତିବାଦ ଶୋଭାଯାତ୍ରା କରାଯିବାକୁ ଆଜି ଡାକବାଜି ଯନ୍ତ୍ର ଦ୍ୱାରା ବୋଲଗଡ଼ରେ ଡାକରା ଦିଆଯାଇଛି।

## ପଲ୍ଲୀ ଉତ୍ସବ ଉଦ୍‌ଘାଟିତ



ଖୋର୍ଦ୍ଧା,୨୭।୧(ସମିସ): ଖୋର୍ଦ୍ଧା ଉପକଣ୍ଠ ନନ୍ଦପୁର ପଂଚାୟତ ମାଘ ସପ୍ତମୀ ମେଳଣ ପଡିଆ ଠାରେ ନନ୍ଦପୁର ଜନତା ଡାଇମଣ୍ଡ କ୍ଲବ ପକ୍ଷରୁ ଆୟୋଜିତ ପଲ୍ଲୀ ଉତ୍ସବକୁ ସାଂସଦ ଅପରାଜିତା ଷଡ଼ଙ୍ଗୀ ଏବଂ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଛନ୍ତି। ଜିଲ୍ଲା ପରିଷଦ ସଦସ୍ୟ ତଥା କ୍ଲବର ସଭାପତି ପ୍ରଫୁଲ୍ଲ କୁମାର ଦଳେଇଙ୍କ ଅଧ୍ୟକ୍ଷତାରେ ଅନ୍ୟତମ ଅତିଥିଭାବେ ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ନନ୍ଦପୁର ସରପଂଚ ବିପ୍ଲବ କେଶରୀ ବଳିୟାରସିଂହ, ପୂର୍ବତନ ବିଜେପି ଜିଲ୍ଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ନିକୁଞ୍ଜ ପଟ୍ଟନାୟକ, ଦିଲ୍ଲୀପ କୁମାର ହୋତା, ବିଦ୍ୟୁତ କାନ୍ତି, କ୍ଲବର ସମ୍ପାଦକ ବେଣୁଧର ରାୟପ୍ରିତମ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ସନ୍ଧ୍ୟାରେ ଗଞ୍ଜାମ ର ମା'ମଙ୍ଗଳା ଗାହାଣ ଯୋଡ଼ି ଶଙ୍ଖ, ମୟୂରଭଞ୍ଜର ଛଉ ନୃତ୍ୟ, ପୁରୀର ଗୋଟିପୁଅ ନୃତ୍ୟ, କୋରାପୁଟ, ଡେମସା, କୋଟପାଡ଼ କଳା ବିକାଶ କେନ୍ଦ୍ର ଏବଂ ଦ୍ୱିତୀୟ ସନ୍ଧ୍ୟାରେ ଗଞ୍ଜାମର ଭାରତ ଲୀଳା, କେନ୍ଦୁଝର ର ଘୁମୁରା, ଲୋଇଶିଙ୍ଗା, ବଲାଙ୍ଗୀରର ସଙ୍ଗୀତ ସାଧନା, ଖୋର୍ଦ୍ଧା ର ପାଇକ ଆଖଡ଼ା ନୃତ୍ୟ ପରିବେଷଣ କରାଯାଇଥିଲା। ରାଜଲକ୍ଷ୍ମୀ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଲବ ସମସ୍ତ ସଦସ୍ୟ ସହଯୋଗ କରିଥଲେ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

ଖୋର୍ଦ୍ଧା,୨୭।୧(ସମିସ)

ସ୍ଥାନୀୟ ବିଜେବି ହାଇସ୍କୁଲ ଖେଳପଡ଼ିଆ ଠାରେ ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପ୍ରଥମେ ଭାରତ ସ୍ୱାଧିନତାରେ ଶେଷ ସ୍ୱାଧିନ ଦୁର୍ଗ ତଥା ଦେଶପ୍ରେମ ପାଇଁ ବଳିଦାନ ଦେଇଥିବା ତଥା ଏ ମାଟିରେ ଜନ୍ମଗ୍ରହଣ କରିଥିବା ସ୍ୱାଧିନତା ସଂଗ୍ରାମୀଙ୍କୁ ସ୍ମରଣ କରିଥିଲେ। ଏଥିସହିତ ରାଜ୍ୟ ସରକାର ଜନସାଧାରଣଙ୍କ ପାଇଁ କରୁଥିବା ଜନକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ମହିଳା ଓ ଶିଶୁ ବିକାଶ କ୍ଷେତ୍ରରେ ପୁଷ୍ଟି ସାଧନ, ଆର୍ଥିକ ପ୍ରଗତି ପାଇଁ ଡିଜିଟାଲ ରୂପାନ୍ତରିକରଣ, ୨୦୩୬ ବିକଶିତ ଓଡ଼ିଶା ଓ ୨୦୪୭ ବିକଶିତ ଭାରତ, ସେମି କଣ୍ଡକ୍ଟର ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବୟୋଜ୍ୟେଷ୍ଠ ନିମନ୍ତେ ଯୋଜନା, ଖୋର୍ଦ୍ଧାର ନୀଳାମ୍ବୁ ଚିଲିକା, ଅତ୍ରି ଉଷ୍ଣ ପ୍ରସବଣ, ବରୁଣେଇଗଡ, ମଙ୍ଗଳା ଯୋଡ଼ି, ଓ ଧଉଳି ପରି ପର୍ଯ୍ୟଟନସ୍ଥଳୀ ବିକାଶ ପାଇଁ ଯୋଜନା ପ୍ରସ୍ତୁତ ସରିଛି ଯାହା ବିକଶିତ ଓଡ଼ିଶା ଗଠନ ରୁପାୟନକୁ ବିଶ୍ୱସ୍ତରରେ ଆଦୃତ କରିବ। ଜଳ ସୁରକ୍ଷା, ଗ୍ରାମୀଣ ଭିତିଭୂମି ବିକାଶ, ଜୀବିକା ମିଶନ, ଜଳବାୟୁର ବିକାଶ, ଦାଦନ ଶ୍ରମିକ ରୋକିବା, ପର୍ଯ୍ୟଟନର ଦିବ୍ୟ ଦର୍ଶନ ତୀର୍ଥଯାତ୍ରା ୨୦୪୭ ସୁଦ୍ଧା ପୂର୍ଣ୍ଣ ମାନବ ସମ୍ବଳ ର ବିକାଶ ସରକାର ଲକ୍ଷ୍ୟ ରଖିଛନ୍ତି। ଯାହା ଖୋର୍ଦ୍ଧାର ବୀର ମାଟି ପରମ୍ପରାକୁ ସମ୍ପୂର୍ଣ ରୁଦ୍ଧିମନ୍ତ କରିବ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜିଲ୍ଲା ପରିଷଦ ସଭାପତି ରୁପଶ୍ରୀରାଣୀ ଗୁମାନସିଂହ, ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ତହସିଲଦାର ବିଭାସ ପାଣିଗ୍ରାହୀଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିବାବେଳେ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ବହୁ ବିଦ୍ୟାଳୟର ଛାତ୍ରଛାତ୍ରୀ ନୃତ୍ୟ ଏବଂ ସଂଗୀତ ପରିବେଷଣ କରିଥିବାବେଳେ ପରେଡ଼ରେ ୫୨ଟ୍ରୁପ ପରେଡ୍‌ରେ ଭାଗ ନେଇଥିଲେ। ବିଦ୍ୟାଳୟମାନଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ବିଦ୍ୟାଳୟମାନଙ୍କ ମଧ୍ୟରୁ ୩ଟି ବିଦ୍ୟାଳୟ ଯଥା: ବିଜେବି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଥମ, ମୁକୁନ୍ଦ ପ୍ରସାଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱିତୀୟ ଏବଂ ସିଗ୍ମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା କୁ ତୃତୀୟଭାବେ ପୁରସ୍କୃତ କରାଯାଇଥିଲା। ପ୍ରଜ୍ଞାପନ ମେଢ ପ୍ରତିଯୋଗିତାରେ ଜିଲ୍ଲା ଶିକ୍ଷା ବିଭାଗ, ଜିଲ୍ଲା କୃଷି ବିଭାଗ ଏବଂ ଜିଲ୍ଲା ସମାଜ କଲ୍ୟାଣ ବିଭାଗକୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ବିଜେତା ପାଇଁ ଟ୍ରଫି, ସାର୍ଟିଫିକେଟ ଓ ଉପଢ୍ୱୈକନ ଦେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ପରେ ମୁଖ୍ୟ ଅତିଥି ଶ୍ରୀମତୀ ପରିଡ଼ା ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଏକ ସାଇକଲ ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

**ବେଗୁନିଆ:** ବେଗୁନିଆ ସଦର ମହକୁମାସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ବ୍ଲକସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ହୋଇଛି। ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ ସହ ଅଭିବାଦନ ଗ୍ରହଣ କରିଥିବା ବେଳେ ଶିକ୍ଷାବିତ୍ ଭଗବାନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ, ବିଡ଼ିଓ ସନ୍ତୋଷ କୁମାର ଜେନା, ବ୍ଲକ ଉପାଧ୍ୟକ୍ଷ ସାବିତ୍ରୀ ମହାପାତ୍ର ଓ ବିଆରସିସି କୈଳାସ ଚନ୍ଦ୍ର ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ପୁରସ୍କାର ବିତରଣ କରିଥିଲେ।

**ଟାଙ୍ଗୀ,:** ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ତରଫରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସମ୍ପାଦକ ମନୋଜ ପଟ୍ଟନାୟକଙ୍କ ବାସଭବନ ସମ୍ମୁଖରେ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକଙ୍କ ସମେତ ଉପସଭାପତି ମାନସ ପଟ୍ଟନାୟକ, ସଂଯୋଜକ ରଜନୀକାନ୍ତ ମିଶ୍ର, ଆଇନ ପରାମର୍ଶଦାତା ସନ୍ଦୀପନି ମିଶ୍ର, ପ୍ରଦୀପ ମହାପାତ୍ର, ଉମେଶ ପଟ୍ଟନାୟକ, ପ୍ରଦୀପ ସାହୁ, ପ୍ରଶାନ୍ତ ବେହେରା, ଆଲୋକ ମହାରଣା, କୋଷାଧ୍ୟକ୍ଷ ଦାମୋଦର ସାହୁ ଓ ସୁକାନ୍ତ ଜିତ ପଟନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସେହାପରି ଟାଙ୍ଗୀ ଗ୍ରାମ ନ୍ୟାୟାଳୟ ପରିସରରେ ମାଜିଷ୍ଟ୍ରେଟ ଦୁର୍ଗାପ୍ରସାଦ ପଣ୍ଡା, ଟାଙ୍ଗୀ କଳିଙ୍ଗ ବୈଷ୍ୟ ମହିଳା ସଂଘରେ ଡାକ୍ତର ମଧୁସୂଦନ ସେନାପତି, ଟାଙ୍ଗୀ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଡିଓ ରୁମାନା ଜାଫ୍ରି, ଟାଙ୍ଗୀ ଥାନାରେ ଆଇଆଇସି ରବିନ୍ଦ୍ର କୁମାର ଭୂଜବଳ, ଟାଙ୍ଗୀ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ କିଶୋର କୁମାର ବେହେରା, ଟାଙ୍ଗୀ ଚିଲିକା କ୍ଲବରେ ହମିଦ ମିରା, ଟାଙ୍ଗୀ ଦୁର୍ଗାଚରଣ ଡିଗ୍ରୀ ମହାବିଦ୍ୟାଳୟରେ ବରିଷ୍ଠ ଅଧ୍ୟାପକ ସଂଜିବ କୁମାର ପରିଡା, ଟାଙ୍ଗୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ମହେନ୍ଦ୍ର କୁମାର ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ଚିଲିକା:** ନାଚୁଣୀ ମହାବିଦ୍ୟାଳୟ ଠାରେ ଚିଲିକାର ପୂର୍ବତନ ବିଧାୟକ ଡାକ୍ତର ବିଭୂତି ଭୂଷଣ ହରିଚନ୍ଦନ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଛାତ୍ରଛାତ୍ରୀମାନଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ । ସେହିପରି ଚିଲିକା ବ୍ଲକରେ ଚେୟାରମ୍ୟାନ ଜ୍ୟୋତ୍ସ୍ନା ରାଣୀ ବେହେରା, ଚିଲିକା ତହସିଲରେ ତହସିଲଦାର କାହ୍ନୁଚରଣ ଘଡେଇ, ଚିଲିକା ଜୁଡିସିଆଲ କୋର୍ଟରେ ବିଚାରପତି ଯୁଧିଷ୍ଠିର ଦଳେଇ, ବଡପଦରସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ସଂପାଦିକା ଡାକ୍ତର ସୁଧାଙ୍ଗିନୀ ହରିଚନ୍ଦନ,ବଉଳାବନ୍ଧ ନୀଳକଣ୍ଠ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ନିରଞ୍ଜନ ନନ୍ଦ, ଅପର୍ତ୍ତି ହାଇସ୍କୁଲରେ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପଟ୍ଟନାୟକ, ଯୁବଜ୍ୟୋତି ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଆଶିଷ କୁମାର ପତି, ପଞ୍ଚୁପଲ୍ଲୀ ସୋମନାଥ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ବିଜୟ କୁମାର ପାତ୍ର, ପର୍ଶୁରାମ କଲେଜରେ ଅଧ୍ୟକ୍ଷ ପ୍ରେମରାଜ ପ୍ରଧାନ, ଶ୍ରୀଦକ୍ଷେଶ୍ୱର ଭଗବତୀ ଏଣ୍ଡୋମେଣ୍ଟ କାର୍ଯ୍ୟାଳୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ, ନାଚୁଣୀ ବରିଷ୍ଠ ନାଗରିକ ସଂଘରେ ସଭାପତି ଅଶ୍ୱିନୀ କୁମାର ମହାପାତ୍ର ଓ ଜାଗୃତିକା ଅନୁଷ୍ଠାନରେ ବରିଷ୍ଠ ସଦସ୍ୟ




ତଥା ଅବସର ପ୍ରାପ୍ତ ଏବିଡ଼ିଓ କାଳୁଚରଣ ସାମନ୍ତରାୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ନିରାକାରପୁର:** ନିରାକାରପୁର ଓ ତାର ପାଖାପାଖି ଅଞ୍ଚଳରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କମାଗୁରୁ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଡ ସୁଧାଂଶୁ ଶେଖର ମହାନ୍ତି ଜାତୀୟପତାକା ଉତ୍ତୋଳନ କରି ଥିଲେ। ସେହିପରି ସ୍ଥାନୀୟ ଆର୍ଯ୍ୟ ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ନଳୀନ ରଥଙ୍କ ସଭାପତିତ୍ୱରେ ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ପତାକା ଉତ୍ତୋଳନ କରିଥିଲେ। ରେଳ ଷ୍ଟେସନ ନିକଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅତିଥି ଭାବେ ବିଦ୍ୟାଳୟର ସଭାପତି ସୁରେନ୍ଦ୍ର କୁମାର ସାହୁ ପତାକା ଉତ୍ତୋଳନ କରିଥିଲେ।

ଆଇଏନଏମଟି ନିର୍ଦ୍ଦେଶକ ଅମ୍ବିକା ପଟ୍ଟନାୟକ ପତାକ ଉତ୍ତୋଳନ କରିଥିଲେ। ନେତାଜୀ ପବ୍ଲିକ ସ୍କୁଲ ଅଧ୍ୟକ୍ଷ୍ୟା ସୁଜାତା ଦାସଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇ ନଗର ପରିକ୍ରମା କରାଯାଇଥିଲା। ବରିଷ୍ଠ ନାଗରିକ ସଙ୍ଘ ତରଫରୁ ସଭାପତି ପ୍ରସନ୍ନ କୁମାର ନନ୍ଦ ପତାକା ଉତ୍ତୋଲାନ କରିଥିଲେ। ରାମେଶ୍ୱର ଟ୍ରୁ ଲାଇଫ କେନ୍ଦ୍ରରେ ଅତିଥି ଭାବେ ନିରାକାରପୁର ଥାନା ଏସ୍‌ଆଇ ଦିପାଲିଶା ନାୟକ ପତାକା ଉତ୍ତୋଳନ କରିଥିଲେ। ସହଯୋଗ ଅନୁଷ୍ଠାନରେ ଆବାହକ ହିମାଂଶୁ ଭୂଷଣ ଚମ୍ପତିରାୟ, ଚାଣକ୍ୟ କୋଚିଙ୍ଗ ସେଣ୍ଟର୍ ରେ ଅଧ୍ୟାପକ ଶ୍ୟାମ ସୁନ୍ଦର ପଟ୍ଟନାୟକ ପତାକା ଉତ୍ତୋଳନ, ନିରାକାରପୁର ବଣିକ ସଂଘ ସଭାପତି ଆର୍ତ୍ତତ୍ରାଣ ରାଉତରାୟ ପତାକା ଉତ୍ତୋଳନ କରିଥିଲେ।

**ବାଲୁଗାଁ:** ସମଗ୍ର ବାଲୁଗାଁ-ବାଣପୁର ଅଞ୍ଚଳରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବାଲୁଗାଁ-ବାଣପୁର ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ, ବାଣପୁର ଗ୍ରାମୀଣ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଲିଟିଲ୍ ୱାର୍ଲ୍ଡ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ, ଚିଲିକାରାଣୀ ଇଂରାଜୀ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଆଇଏନଏସ ଚିଲିକା ଓ ବାଣପୁର ନେହେରୁ ସେବା ସଂଘ ଆଦି ବିଭିନ୍ନ ଶିକ୍ଷାନୁଷ୍ଠାନରେ ସମସ୍ତ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସାମିଲ ହୋଇ ପ୍ରଭାତ ଫେରି କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଚିଲିକା ଓ ବାଣପୁର କୋର୍ଟ ପରିସର, ବାଲୁଗାଁ-ବାଣପୁର ଥାନା, ଅଗ୍ନିଶମ ବିଭାଗ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନ ଏବଂ ରାଜନୈତିକ ଦଳ ତରଫରୁ ପତାକା ଉତ୍ତୋଳନ କରାଯାଇଛି।



